INSTITUTE LIBRARY

REGIONAL INSTITUTE OF EDUCATION, BHUBANESWAR

NEWSPAPER CLIPPING

NAME OF NEWSPAPER: - PRAMEYA

PAGE –20 DATE –01.01.2025

# ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଏମ୍ଓୟୁ ସଂସ୍ଥା ସହ ବୈଠକ

ଭୁବନେଶ୍ୱର,୩୧।୧୨(ବ୍ୟୁରୋ): ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପକ୍ଷରୁ ବୁଝାମଣା ହୋଇଥିବା ବିଭିନ୍ନ ସଂସ୍ଥା ସହ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଦିଲ୍ଲୀର ଦକ୍ଷତା ବିକାଶ ଓ ଉଦ୍ୟୋଗିତା ବିଶ୍ୱବିଦ୍ୟାଳୟ, ନଳିନୀ ଦେବୀ ମହିଳା ଶିକ୍ଷା ମହାବିଦ୍ୟାଳୟ, ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ, ସରକାରୀ ବିଏଡ୍ ତାଲିମ ମହାବିଦ୍ୟାଳୟ, କନ୍ଧମାଳ କଳିଙ୍ଗ ସରକାରୀ ବିଏଡ୍ କଲେଜ, ବ୍ରହ୍ମପୁର ଆଇଆଇଏସ୍ଇଆର୍ (ଆଇଜର), ଶ୍ରୀ ଅଗ୍ରସେନ୍ ସ୍ନାତକୋତ୍ତର ଶିକ୍ଷା କଲେଜ, ଗୁରୁ ଘାସିଦାସ ବିଶ୍ୱବିଦ୍ୟାଳୟ, ଟାଗୋର ସରକାରୀ ବିଏଡ୍ କଲେଜ, ପୋର୍ଟବ୍ଲେୟାର ଭଳି ଶିକ୍ଷା ପ୍ରତିଷ୍ଠାନ ସହ ବୁଝାମଣା ହୋଇଛି।

ଭର୍ଚୁଆଲରେ ଆୟୋଜିତ ବୈଠକରେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପିସି ଅଗ୍ରୱାଲ ଯୋଗଦେଇ ଜାତୀୟ ଶିକ୍ଷା ନୀତି ୨୦୨୦ ଉପରେ ଆଲୋକପାତ କରିଥିଲେ। ପ୍ରାକ୍ ସେବା ଶିକ୍ଷକ ଶିକ୍ଷାରେ ଅଭିଜ୍ଞତାମୂଳକ ଶିକ୍ଷା, ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତି ବିଦ୍ୟା ସମ୍ବନ୍ଧୀୟ, ଦକ୍ଷତା ବିକାଶ ଏବଂ ନବସୃଜନ କ୍ଷେତ୍ରରେ ସହଯୋଗୀ ଗବେଷଣାର ଗୁରୁତ୍ୱ ନେଇ ଆଲୋଚନା କରିଥିଲେ। ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ କ୍ଷେତ୍ରରେ ସହଯୋଗମୂଳକ ପ୍ରୟାସ ପାଇଁ ଏମଓୟୁ ସଂସ୍ଥାର ମୁଖ୍ୟମାନେ ପରାମର୍ଶ ଦେଇଥିଲେ। ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଏମଓୟୁ କମିଟିର ଅଧ୍ୟକ୍ଷ ପ୍ରଫେସର ଏଚ୍.କେ.ସେନାପତି, ପ୍ରତିଷ୍ଠାନର ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର ଲକ୍ଷ୍ମୀଧର ବେହେରା, ଏମଓୟୁ କମିଟିର ସଦସ୍ୟ ପ୍ରଫେସର ରୀତାଞ୍ଜଳି ଦାସ, ପ୍ରଫେସର ଶରତ କୁମାର ଦାସ, ଡ. କଳିଙ୍ଗ କେତକୀ ପ୍ରମୁଖ ଯୋଗ ଦେଇଥିଲେ।

INSTITUTE LIBRARY

REGIONAL INSTITUTE OF EDUCATION, BHUBANESWAR

NEWSPAPER CLIPPING

NAME OF NEWSPAPER: - SAKALA

PAGE –04 DATE –02.01.2025

ସକାଳ
THE SAKALA

Bhubaneswar - 02 Jan 2025 - Page 4

# ଶିକ୍ଷକ ଶିକ୍ଷାରେ ଉତ୍କର୍ଷ ପାଇଁ ଏମ୍ଓୟୁ

## ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଓ ୬ ଶିକ୍ଷାନୁଷ୍ଠାନ ମଧ୍ୟରେ ବୁଝାମଣା

ଭୁବନେଶ୍ୱର,୧।୧(ସମିସ): ଶିକ୍ଷକ ଶିକ୍ଷାକୁ ମିଳିବ ପ୍ରୋତ୍ସାହନ। ବିଭିନ୍ନ ଉନ୍ନତ ଶିକ୍ଷାନୁଷ୍ଠାନର ସୁବିଧା ଓ କୌଶଳକୁ ଅନ୍ୟ ଶିକ୍ଷାନୁଷ୍ଠାନ ମଧ୍ୟ ଉପଯୋଗ କରିପାରିବେ। ଗବେଷଣା, ଦକ୍ଷତା ବିକାଶ, ସାମଗ୍ରୀ ବିକାଶ ଏବଂ ସମ୍ପ୍ରସାରଣ କାର୍ଯ୍ୟକଳାପ କ୍ଷେତ୍ରରେ ସହଯୋଗକୁ ବୃଦ୍ଧି କରିବା ପାଇଁ ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ (ଆର୍ଆଇଇ) ପକ୍ଷରୁ ୬ଟି ଶିକ୍ଷାନୁଷ୍ଠାନ ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ନୂଆଦିଲ୍ଲୀ ଦ୍ୱାରକାସ୍ଥିତ ଦିଲ୍ଲୀ ଦକ୍ଷତା ଏବଂ ଉଦ୍ୟୋଗିତା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ନଳିନୀଦେବୀ ମହିଳା ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ, ଅନୁଗୋଳ ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ, କନ୍ଧମାଳ କଳିଙ୍ଗ ସରକାରୀ ବିଏଡ୍ ତାଲିମ ମହାବିଦ୍ୟାଳୟ, ରାଜସ୍ଥାନ ଜୟପୁରସ୍ଥିତ ଶ୍ରୀ ଉଗ୍ରସେନ ସ୍ନାତକୋତ୍ତର ଶିକ୍ଷା ମହାବିଦ୍ୟାଳୟ ଏବଂ ଝାଡ଼ଖଣ୍ଡ ସାରେଇକେଲା ଶିକ୍ଷା ପ୍ରତିଷ୍ଠାନ ସହ ଏମ୍ଓୟୁ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ବୈଠକକୁ ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପି.ସି. ଅଗ୍ରୱାଲ ଅଧ୍ୟକ୍ଷତା କରି ଶିକ୍ଷକ ଶିକ୍ଷାରେ ଅଭିଜ୍ଞତାମୂଳକ ଶିକ୍ଷା, ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ସମନ୍ୱୟ, ଦକ୍ଷତା ବିକାଶ ଏବଂ ନବସୃଜନ କ୍ଷେତ୍ରରେ ସହଯୋଗୀ ଗବେଷଣାର ଗୁରୁତ୍ୱ ଉପରେ ଆଲୋକପାତ କରିଛନ୍ତି। ପ୍ରତିଷ୍ଠାନର ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏମ୍ଓୟୁ କମିଟିର ଅଧ୍ୟକ୍ଷ ପ୍ରଫେସର ଏଚ୍.କେ. ସେନାପତି ସହଯୋଗପୂର୍ଣ୍ଣ ଗବେଷଣା କରିବାକୁ ପରାମର୍ଶ ଦେଇଛନ୍ତି।

# INSTITUTE LIBRARY

# REGIONAL INSTITUTE OF EDUCATION, BHUBANESWAR

# NEWSPAPER CLIPPING

## NAME OF NEWSPAPER: - ODISHA POST

**PAGE –05** **DATE –09.01.2025**

## RIE Bhub to host RISM 2025

**Bhubaneswar:** The Regional Institute of Education (RIE), Bhubaneswar, will host the Regional Institutes Students' Meet (RISM) 2025 from January 9 to 13. The event will bring together students from all five RIEs across India to celebrate academic excellence, cultural diversity, and national unity. The inaugural ceremony will be addressed by Ashok Kumar Negi, PMG, Inspector General, ITBP, Central Frontier, Bhopal and presided over by institute principal, PC Agarwal. The meet will feature a variety of cultural performances, athletic and literary competitions, providing a platform to nurture future educators and leaders by encouraging critical thinking, creativity, and collaboration. RISM 2025 aligns with the NEP 2020 vision, focusing on critical thinking, creativity, collaboration, and cultural integration. It will promote national unity and cross-cultural understanding through academic, athletic, and literary competitions, including races, volleyball, football, debates, quizzes, and drawing. This is the second time RIE Bhubaneswar is hosting the event, following its first in 2017. A highlight of the meet is a field trip, allowing participants to explore Odisha's cultural heritage.

INSTITUTE LIBRARY

REGIONAL INSTITUTE OF EDUCATION, BHUBANESWAR

NEWSPAPER CLIPPING

NAME OF NEWSPAPER: - PRAMEYA

PAGE –07 DATE –09.01.2025

# ଆଜିଠାରୁ ସର୍ବଭାରତୀୟ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ବିଦ୍ୟାର୍ଥୀ ସମ୍ମେଳନ

ଭୁବନେଶ୍ୱର,୮।୧(ବ୍ୟୁରୋ): ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପରିସରରେ ଗୁରୁବାରଠାରୁ ଆରମ୍ଭ ହେଉଛି ସର୍ବଭାରତୀୟ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ବିଦ୍ୟାର୍ଥୀ ସମ୍ମେଳନ। ପାଞ୍ଚ ଦିନ ଧରି ଚାଲିବାକୁ ଥିବା ଏହି ସମ୍ମେଳନରେ ବକ୍ତୃତା, ଚିତ୍ରାଙ୍କନ, ସାଧାରଣଜ୍ଞାନ ସମେତ ଖେଳକୁଦ ଅନୁଷ୍ଠିତ ହେବ। ଏଥିରେ ଦେଶର ପାଞ୍ଚ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଛାତ୍ରଛାତ୍ରୀ ଏକାଠି ହେବେ। ଆସନ୍ତା ୧୩ ତାରିଖରେ କାର୍ଯ୍ୟକ୍ରମ ଉଦ୍‌ଯାପିତ ହେବ। ପ୍ରତିଷ୍ଠାନ ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ଏହି ଜାତୀୟ ସମାରୋହ ହେବ। ଏହି ଅବସରରେ ସମଗ୍ର ଦେଶରେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ-ଭୁବନେଶ୍ୱର, ଭୋପାଳ, ଆଜମେର, ମୈସୁର ଏବଂ ଉତ୍ତର-ପୂର୍ବ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ସିଲଂ ବିବିଧତା ମଧ୍ୟରେ ଏକତାର ଉତ୍ସବ ପାଳନ କରିବ। ଏହି ସମ୍ମେଳନ ଭିନ୍ନ ଭିନ୍ନ ଆଞ୍ଚଳିକ ପୃଷ୍ଠଭୂମିରୁ ଛାତ୍ରମାନଙ୍କୁ ଏକାଠି କରି ଭାଷା, ଶିକ୍ଷା ଏବଂ ସଂସ୍କୃତିର ଆଦାନ ପ୍ରଦାନ ମାଧ୍ୟମରେ ଜାତୀୟ ଏକତାକୁ ପ୍ରୋତ୍ସାହିତ କରିବ। ଆରଆଇଇ ଭୁବନେଶ୍ୱର ଦ୍ୱିତୀୟ ଥର ପାଇଁ ଏହି ଜାତୀୟ ସମ୍ମେଳନ ଆୟୋଜନ କରୁଛି। ଭାରତର ବିଭିନ୍ନ ଅଞ୍ଚଳରୁ ଯୋଗଦେଇଥିବା ଛାତ୍ରଛାତ୍ରୀ ନିଜ ପ୍ରତିଭା ପ୍ରଦର୍ଶନ କରିବା ସହ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ।

INSTITUTE LIBRARY

REGIONAL INSTITUTE OF EDUCATION, BHUBANESWAR

NEWSPAPER CLIPPING

NAME OF NEWSPAPER: - SAMAJA

PAGE –09 DATE –10.01.2025

# ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ସମୂହର ସମ୍ମେଳନ ଉଦ୍‌ଘାଟିତ



ନେଶ୍ୱର, ୯।୧ (ନି.ପ୍ର.) : ତ୍ରଛାତ୍ରୀଙ୍କ ଶୈକ୍ଷିକ ବିକାଶ ସହ ରୀରିକ ଓ ବୌଦ୍ଧିକ ବିକାଶ ହିଁ ସମାନଙ୍କୁ ବ୍ୟକ୍ତିରୁ ବ୍ୟକ୍ତିତ୍ୱରେ ପାନ୍ତରିତ ହେବାରେ ସହାୟକ ହାଇଥାଏ ବୋଲି ଇଣ୍ଡୋ – ବ୍ବତୀୟ ସୀମାନ୍ତ ସୁରକ୍ଷା ବାହିନୀ କନ୍ଦ୍ରାଞ୍ଚଳର ମହାନିର୍ଦ୍ଦେଶକ ଶୋକ କୁମାର ନେଗି ମତବ୍ୟକ୍ତ କରିଛନ୍ତି। ଗୁରୁବାର ସ୍ଥାନୀୟ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଞ୍ଚଦିବସୀୟ ଜାତୀୟ ସମ୍ମେଳନକୁ ଉଦ୍‌ଘାଟନ କରି ଛାତ୍ରଛାତ୍ରୀ ଦେଶର ସାମଗ୍ରିକ ବିକାଶରେ ଯୋଗଦାନ ପାଇଁ ଆହ୍ୱାନ ଦେଇଥିଲେ। ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପ୍ରକାଶଚନ୍ଦ୍ର ଅଗ୍ରୱାଲ ଅଧ୍ୟକ୍ଷତା କରି ଶିକ୍ଷା କେବଳ ଶ୍ରେଣୀ ଗୃହରେ ଆବଦ୍ଧ ନଥାଏ ବୋଲି ମତଦେଇ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳା ଓ ସମୟାନୁବର୍ତ୍ତିତା ଉପରେ ଗୁରୁତ୍ୱ ଦେବାକୁ ନିବେଦନ କରିଥିଲେ। ଏହି ସମ୍ମେଳନରେ ଭୋପାଳ, ଆଜମେର, ମୈସୁର, ଶିଲଂରୁ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ସଂଯୋଜକ ପ୍ରଫେସର ରୀତାଞ୍ଜଳି ଦାଶ ସ୍ୱାଗତ ସମ୍ଭାଷଣ ଦେଇଥିଲେ। ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଛାତ୍ରୀବୃନ୍ଦ ଆସାମର ବିହୁ, ମଣିପୁରୀ ଓ ରାଜସ୍ଥାନୀ ନୃତ୍ୟ ପରିବେଷଣ କରିଥିଲେ। ଉତ୍ସବରେ ଇଣ୍ଡୋ-ତିବ୍ବତୀୟ ସୀମାନ୍ତ ସୁରକ୍ଷା ବାହିନୀର ଉପ ମହାନିର୍ଦ୍ଦେଶକ ରାଣା ଯୁଦ୍ଧବୀର ସିଂ, ପ୍ରତିଷ୍ଠାନର ଡିନ୍ ପ୍ରଫେସର ମାନସୀ ଗୋସ୍ୱାମୀ, ଏନ.ସି.ଇ.ଆର.ଟିର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ହୃଷୀକେଶ ସେନାପତି, ପ୍ରଫେସର ଲକ୍ଷ୍ମୀଧର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ୧୩ ତାରିଖରେ ସମ୍ମେଳନ ଉଦ୍‌ଯାପିତ ହେବ।

**INSTITUTE LIBRARY**

**REGIONAL INSTITUTE OF EDUCATION, BHUBANESWAR**

**NEWSPAPER CLIPPING**

**NAME OF NEWSPAPER: - DHARITRI**

**PAGE –09** **DATE –10.01.2025**

# ଶୈକ୍ଷିକ ବିକାଶ ହିଁ ବ୍ୟକ୍ତିରୁ ବ୍ୟକ୍ତିତ୍ୱରେ ରୂପାନ୍ତରିତ କରେ

## ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ସପ୍ତମ୍ବ ସମ୍ମେଳନ ଉଦ୍‌ଘାଟିତ

ଭୁବନେଶ୍ୱର, ୯।୧ (ସୁଚିସ୍ମିତା ସାହୁ)




ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ସହ ଶାରୀରିକ ବିକାଶ ହିଁ ବ୍ୟକ୍ତିରୁ ବ୍ୟକ୍ତିତ୍ୱରେ ରୂପାନ୍ତରିତ ହେବାରେ ସହାୟକ ହୋଇଥାଏ। ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନଠାରେ ପଞ୍ଚଦିବସୀୟ ଜାତୀୟ ସମ୍ମେଳନକୁ ଉଦ୍‌ଘାଟନ କରି

ଇଣ୍ଡୋ ତିବ୍ବତୀୟ ସୀମାନ୍ତ ସୁରକ୍ଷା ବାହିନୀ କେନ୍ଦ୍ରାଞ୍ଚଳର ମହାନିର୍ଦ୍ଦେଶକ ଅଶୋକ କୁମାର ନେଗି ଏହା କହିଛନ୍ତି। ଏଥିସହ ଛାତ୍ରୀଛାତ୍ରମାନେ ଦେଶର ସାମଗ୍ରିକ ବିକାଶରେ ଯୋଗଦାନ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଅଧ୍ୟକ୍ଷତା କରି କହିଲେ, ଶିକ୍ଷା କେବଳ ଶ୍ରେଣୀଗୃହରେ ଆବଦ୍ଧ ନ ଥାଏ। ଛାତ୍ରୀଛାତ୍ରମାନେ ଶିକ୍ଷା ଗ୍ରହଣ କରିବା ସହିତ ଶୃଙ୍ଖଳା ଓ ସମୟାନୁବର୍ତ୍ତିତା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଦ୍ୱିତୀୟ ଥର ଏହି ସର୍ବଭାରତୀୟସ୍ତରୀୟ ସମ୍ମେଳନ ଆୟୋଜିତ ହେବା ପ୍ରତିଷ୍ଠାନର ଗୌରବ ବୋଲି ସେ କହିଥିଲେ। ଏଥିସହ ସମ୍ମେଳନରେ ଯୋଗଦେଇଥିବା ଭୋପାଳ, ଆଜମେର, ମୈସୁର, ଶିଲଂରୁ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ସେ ଶୁଭେଚ୍ଛା ଜଣାଇଥିଲେ। ଇଣ୍ଡୋ ତିବ୍ବତୀୟ ସୀମାନ୍ତ ସୁରକ୍ଷା ବାହିନୀର ଉପମହାନିର୍ଦ୍ଦେଶକ ରାଣା ଯୁଦ୍ଧବୀର ସିଂ, ପ୍ରତିଷ୍ଠାନର ଡିନ୍ ପ୍ରଫେସର ମାନସୀ ଗୋସ୍ୱାମୀ, ଏନ୍‌ସିଇଆର୍‌ଟିର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ହୃଷୀକେଶ ସେନାପତି, ପ୍ରଫେସର ଲକ୍ଷ୍ମୀଧର ବେହେରାଙ୍କ ସମେତ ଅଧ୍ୟାପିକାଅଧ୍ୟାପକ ଯୋଗଦେଇଥିଲେ। ସମ୍ମେଳନର ସଂଯୋଜକ ପ୍ରଫେସର ରୀତାଞ୍ଜଳି ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଛାତ୍ରୀମାନେ ଆସାମର ବିହୁ ସହ ମଣିପୁରୀ ଓ ରାଜସ୍ଥାନୀ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଦୌଡକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

INSTITUTE LIBRARY

REGIONAL INSTITUTE OF EDUCATION, BHUBANESWAR

NEWSPAPER CLIPPING

NAME OF NEWSPAPER: - PRAMEYA

PAGE –15 DATE –10.01.2025

# ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ସମୂହର ବିଦ୍ୟାର୍ଥୀ ସମ୍ମିଳନୀ

ଭୁବନେଶ୍ୱର,୯।୧(ବ୍ୟୁରୋ): ସ୍ଥାନୀୟ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ସର୍ବଭାରତୀୟ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ବିଦ୍ୟାର୍ଥୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ପଞ୍ଚଦିବସୀୟ ଜାତୀୟ ସମ୍ମିଳନୀକୁ ଗୁରୁବାର ଇଣ୍ଡୋ-ତିବ୍ବତୀୟ ସୀମାନ୍ତ ସୁରକ୍ଷା ବାହିନୀ କେନ୍ଦ୍ରାଞ୍ଚଳର ମହାନିର୍ଦ୍ଦେଶକ ଅଶୋକ କୁମାର ନେଗି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ।

ଶ୍ରୀ ନେଗି ଛାତ୍ରଛାତ୍ରୀଙ୍କୁ ଦେଶର ସାମଗ୍ରିକ ବିକାଶରେ ଯୋଗଦାନ ପାଇଁ ଆହ୍ୱାନ ଦେଇଥିଲେ। ଏଥିସହ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ବିକାଶ ସହ ଶାରୀରିକ ଏବଂ ବୌଦ୍ଧିକ ବିକାଶ ହିଁ ସେମାନଙ୍କୁ ବ୍ୟକ୍ତିରୁ ବ୍ୟକ୍ତିତ୍ୱରେ ରୂପାନ୍ତରିତ ହେବାରେ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ପ୍ରତିଷ୍ଠାନ ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଶିକ୍ଷା କେବଳ ଶ୍ରେଣୀ ଗୃହରେ ଆବଦ୍ଧ ନଥାଏ ବୋଲି ମତ ଦେଇଥିଲେ। ସେ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳା ଓ ସମୟାନୁବର୍ତ୍ତିତାର ମହତ୍ତ୍ୱ ବୁଝାଇଥିଲେ।

ସୂଚନାଯୋଗ୍ୟ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଦ୍ୱିତୀୟଥର ପାଇଁ ଏହି ସର୍ବଭାରତୀୟ ସ୍ତରର ସମ୍ମିଳନୀ ହେଉଛି। ଏଥିରେ ଭୋପାଳ, ଆଜମେର, ମୈସୁର, ଶିଲଂରୁ ଛାତ୍ରଛାତ୍ରୀ ଭାଗ ନେଇଛନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଂଯୋଜକ ପ୍ରଫେସର ଗୀତାଞ୍ଜଳି ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଛାତ୍ରୀମାନେ ଆସାମର ବିହୁ, ମଣିପୁରୀ ଓ ରାଜସ୍ଥାନୀ ନୃତ୍ୟ ପରିବେଷଣ କରିଥିଲେ। ଉତ୍ସବରେ ଇଣ୍ଡୋ-ତିବ୍ବତୀୟ ସୀମାନ୍ତ ସୁରକ୍ଷା ବାହିନୀ ଉପ-ମହାନିର୍ଦ୍ଦେଶକ ରାଣା ଯୁଦ୍ଧବୀର ସିଂହ, ପ୍ରତିଷ୍ଠାନ ଡିନ୍ ପ୍ରଫେସର ମାନସୀ ଗୋସ୍ୱାମୀ, ଏନ୍‌ସିଇଆରଟି ପ୍ରାକ୍ତନ୍ ନିର୍ଦ୍ଦେଶକ ପ୍ରଫେସର ହୃଷୀକେଶ ସେନାପତିଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ। ଏହି ଅବସରରେ ଦୌଡ଼କୁଦ ପ୍ରତିଯୋଗିତା ହୋଇଥିଲା। ଆସନ୍ତା ୧୩ ତାରିଖରେ କାର୍ଯ୍ୟକ୍ରମ ଉଦ୍‌ଯାପିତ ହେବ।

INSTITUTE LIBRARY

REGIONAL INSTITUTE OF EDUCATION, BHUBANESWAR

NEWSPAPER CLIPPING

NAME OF NEWSPAPER: - BHASKAR

PAGE –06 DATE –10.01.2025

# ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ସମୂହର ସମ୍ମେଳନ ଉଦ୍‌ଘାଟିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶ ସହ ଶାରୀରିକ ଓ ନୈତିକ ବିକାଶ ହିଁ ସେମାନଙ୍କୁ ବ୍ୟକ୍ତିରୁ ବ୍ୟକ୍ତିତ୍ୱରେ ରୂପାନ୍ତରିତ ହେବାରେ ସହାୟକ ହୋଇଥାଏ ବୋଲି ଇଣ୍ଡୋ-ତିବ୍ବତୀୟ ସୀମାନ୍ତ ସୁରକ୍ଷା ବାହିନୀ କେନ୍ଦ୍ରାଞ୍ଚଳର ମହାନିର୍ଦ୍ଦେଶକ ଅଶୋକ କୁମାର ନେଗୀ ମତବ୍ୟକ୍ତ କରିଛନ୍ତି। ଆଜି ସ୍ଥାନୀୟ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ପାଞ୍ଚଦିବସୀୟ ଜାତୀୟ ସମ୍ମିଳନୀକୁ ଉଦଘାଟନ କରି ଛାତ୍ରଛାତ୍ରୀ ଦେଶର ସାମଗ୍ରିକ ବିକାଶରେ ଯୋଗଦାନ ପାଇଁ ଆହ୍ୱାନ ଦେଇଥିଲେ । ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଅଧ୍ୟକ୍ଷତା କରି ଶିକ୍ଷା କେବଳ ଶ୍ରେଣୀ ଗୃହରେ ଆବଦ୍ଧ ନଥାଏ ବୋଲି ମତଦେଇ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳା ଓ ସମୟାନୁବର୍ତ୍ତିତା ଉପରେ ଗୁରୁତ୍ୱ ଦେବାକୁ ନିବେଦନ କରିଥିଲେ । ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ସର୍ବଭାରତୀୟ ସ୍ତରର ଦ୍ୱିତୀୟଥର ପାଇଁ ଆୟୋଜିତ ହେଉଥିବା ସମ୍ମିଳନୀ ପ୍ରତିଷ୍ଠାନର ଗୌରବ ବୋଲି ମତବ୍ୟକ୍ତ କରି ଭୋପାଳ, ଆଜମେର, ମହୀଶୂର,ଶିଲଂରୁ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପ୍ରାରମ୍ଭରେ ସଂଯୋଜକ ପ୍ରଫେସର ଗୀତାଞ୍ଜଳି ଦାଶ ସ୍ୱାଗତ ସମ୍ଭାଷଣ କରିଥିବାବେଳେ ପରିଶେଷରେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଛାତ୍ରୀବୃନ୍ଦ ଆସାମର ବିହୁ ସହ ମଣିପୁରୀ ଓ ରାଜସ୍ଥାନୀ ନୃତ୍ୟ ପରିବେଷଣ କରିଥିଲେ । ଉତ୍ସବରେ ଇଣ୍ଡୋ-ତିବ୍ବତୀୟ ସୀମାନ୍ତ ସୁରକ୍ଷା ବାହିନୀର ଉପ ମହାନିର୍ଦ୍ଦେଶକ ରାଣା ସୁବୀର ସିଂ, ପ୍ରତିଷ୍ଠାନର ଡିନ ପ୍ରଫେସର ମାନସୀ ଗୋସ୍ୱାମୀ, ଏନସିଇଆରଟିର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ହୃଷୀକେଶ ସେନାପତି ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଯୋଗ ଦେଇଥିଲେ । ଉଦ୍‌ଘାଟନ ଅବସରରେ ଦୌଡ଼ କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଆସନ୍ତା ୧୩ରେ ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି ।

**INSTITUTE LIBRARY**


**REGIONAL INSTITUTE OF EDUCATION, BHUBANESWAR**

**NEWSPAPER CLIPPING**

**NAME OF NEWSPAPER: - SAMBAD**

**PAGE –17** **DATE –10.01.2025**

# ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ



ଭୁବନେଶ୍ୱର, ୯/୧(ଇମିସ): ଛାତ୍ରଛାତ୍ରୀଙ୍କର ଶୈକ୍ଷିକ ବିକାଶ ସହ ଶାରୀରିକ ଓ ବୌଦ୍ଧିକ ବିକାଶ ହିଁ ସେମାନଙ୍କୁ ବ୍ୟକ୍ତିରୁ ବ୍ୟକ୍ତିତ୍ୱରେ ରୂପାନ୍ତରିତ ହେବାରେ ସହାୟକ ହୋଇଥାଏ। ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ପଞ୍ଚଦିବସୀୟ ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରି ଏଭଳି ମତବ୍ୟକ୍ତ କରିଛନ୍ତି ଇଣ୍ଡୋ-ତିବ୍ବତୀୟ ସୀମାନ୍ତ ସୁରକ୍ଷା ବାହିନୀ କେନ୍ଦ୍ରାଞ୍ଚଳର ମହାନିର୍ଦ୍ଦେଶକ ଅଶୋକ କୁମାର ନେଗୀ। କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଅଧ୍ୟକ୍ଷତା କରି ଶିକ୍ଷା କେବଳ ଶ୍ରେଣୀ ଗୃହରେ ଆବଦ୍ଧ ନଥାଏ ବୋଲି ମତ ଦେଇଥିଲେ। ପ୍ରତିଷ୍ଠାନରେ ସର୍ବଭାରତୀୟ ସ୍ତରରେ ଦ୍ୱିତୀୟଥର ପାଇଁ ଆୟୋଜିତ ହେଉଥିବା ଏହି ସମ୍ମିଳନୀ ପ୍ରତିଷ୍ଠାନର ଗୌରବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏଥିରେ ଓଡ଼ିଶା ସମେତ ଭୋପାଲ, ଆଜମେର, ମୈସୁର, ଶିଲଂରୁ ବହୁ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ସଂଯୋଜକ ଗୀତାଞ୍ଜଳି ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ଛାତ୍ରୀମାନେ ବିହୁ, ମଣିପୁରୀ ଓ ରାଜସ୍ଥାନୀ ନୃତ୍ୟ ପରିବେଷଣ କରିଥିଲେ। ଏହି ଭବ୍ୟ ଉତ୍ସବରେ ଇଣ୍ଡୋ-ତିବ୍ବତୀୟ ସୀମାନ୍ତ ସୁରକ୍ଷା ବାହିନୀର ଉପମହାନିର୍ଦ୍ଦେଶକ ରାଣା ଯୁଦ୍ଧବୀର ସିଂହ, ପ୍ରତିଷ୍ଠାନର ଡିନ୍ ପ୍ରଫେସର - ମାନସୀ ଗୋସ୍ୱାମୀ, ଏନସିଇଆର୍‌ଟିଇର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ହୃଷୀକେଶ ସେନାପତି, ପ୍ରଫେସର ଲକ୍ଷ୍ମୀଧର ବେହେରାଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଯୋଗଦେଇଥିଲେ। ଏହି ଉଦ୍‌ଘାଟନ ଅବସରରେ ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

INSTITUTE LIBRARY

REGIONAL INSTITUTE OF EDUCATION, BHUBANESWAR

**Newspaper Clipping**

**Name of Newspaper: -*Sanmarg***

**Page- 05 Date- 11.01.2025**

# क्षेत्रीय शिक्षा संस्थान में आरआईएसएम

**भुवनेश्वर, ( निप्र ) :** अंतरक्षेत्रीय शिक्षा संस्थान विद्यार्थी समारोह (आरआईएसएम) 2025 का शुभारंभ क्षेत्रीय शिक्षा संस्थान (आरआईई), भुवनेश्वर, एनसीईआरटी, नई दिल्ली के एक संस्थान में बड़े उत्साह के साथ किया गया। यह पांच दिवसीय आयोजन पूरे भारत में सभी पांच आरआईई को एक साथ लाता है। इसके उद्घाटन समारोह में गणमान्य अतिथि, संकाय और छात्रों ने भाग लिया। यह समारोह एनईपी 2020 के दृष्टिकोण के अनुरूप शैक्षणिक उत्कृष्टता, सांस्कृतिक विविधता और एकता में विविधता को बढ़ावा देने के उद्देश्य से आयोजित किया जाता है। समारोह की अध्यक्षता आरआईई भुवनेश्वर के प्राचार्य प्रो प्रकाश चंद्र अग्रवाल ने की, जिन्होंने प्रतिभागियों और अतिथियों का एक प्रेरणादायक भाषण के साथ स्वागत किया। उन्होंने अपने संभाषण में इस बात पर जोर दिया कि आरआईएसएम 2025 एनईपी 2020 के उद्देश्यों के अनुरूप है, जो समग्र विकास, आलोचनात्मक सोच और सांस्कृतिक प्रशंसा को बढ़ावा देता है। प्रो अग्रवाल ने 2018 में पहली बार आरआईएसएम की मेजबानी करने पर अपनी प्रसन्नता व्यक्त की और एकता में विविधता को समारोह के लिए एक मार्गदर्शक सिद्धांत के रूप में महत्व दिया। उद्घाटन समारोह में अशोक कुमार नेगी, पीएमजी, महानिरीक्षक, आईटीबीपी मध्यवर्ती सीमा, भोपाल, मुख्य अतिथि के रूप में उपस्थित थे। अपने मुख्य भाषण में अशोक कुमार नेगी ने आरआईएसएम जैसे आयोजनों के महत्व को रेखांकित किया। इसी क्रम में फुटबाल और वालीबाल मैच भी आयोजित किए गए। दोपहर के सत्र में साहित्यिक कार्यक्रमों का आयोजन किया गया।

INSTITUTE LIBRARY
REGIONAL INSTITUTE OF EDUCATION, BHUBANESWAR

**Newspaper Clipping**

**Name of Newspaper**: -*Samabad Kalika*

**Page- 07** **Date- 11.01.2025**

# ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ସମୂହର ସମ୍ମେଳନ ଉଦ୍‌ଘାଟିତ




ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଛାତ୍ରଛାତ୍ରୀଙ୍କର ଶୈକ୍ଷିକ ବିକାଶ ସହ ଶାରୀରିକ ଓ ବୌଦ୍ଧିକ ବିକାଶ ହିଁ ସେମାନଙ୍କୁ ବ୍ୟକ୍ତିରୁ ବ୍ୟକ୍ତିତ୍ୱରେ ରୂପାନ୍ତରିତ ହେବାରେ ସହାୟକ ହୋଇଥାଏ ବୋଲି ଇଣ୍ଡୋ – ତିବ୍ବତୀୟ ସୀମାନ୍ତ ସୁରକ୍ଷା ବାହିନୀ କେନ୍ଦ୍ରାଞ୍ଚଳର ମହାନିର୍ଦ୍ଦେଶକ ଅଶୋକ କୁମାର ନେଗି ମତବ୍ୟକ୍ତ କରିଛନ୍ତି। ଗୁରୁବାର ସ୍ଥାନୀୟ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ପଞ୍ଚଦିବସୀୟ ଜାତୀୟ ସମ୍ମେଳନକୁ ଉଦଘାଟନ କରି ଛାତ୍ରଛାତ୍ରୀଗଣ ଦେଶର ସାମଗ୍ରିକ ବିକାଶରେ ଯୋଗଦାନ ପାଇଁ ଆହ୍ୱାନ ଦେଇଥିଲେ । ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପ୍ରକାଶଚନ୍ଦ୍ର ଅଗ୍ରୱାଲ ଏଥିରେ ଅଧ୍ୟକ୍ଷତା କରି ଶିକ୍ଷା କେବଳ ଶ୍ରେଣୀ ଗୃହରେ ଆବଦ୍ଧ ନଥାଏ ବୋଲି ମତଦେଇ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳା ଓ ସମୟାନୁବର୍ତ୍ତିତା ଉପରେ ଗୁରୁତ୍ୱ ଦେବାକୁ ନିବେଦନ କରିଥିଲେ। ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ସର୍ବଭାରତୀୟ ସ୍ତରର ଦ୍ୱିତୀୟଥର ପାଇଁ ଆୟୋଜିତ ହେଉଥିବା ଏହି ସମ୍ମେଳନ ପ୍ରତିଷ୍ଠାନର ଗୌରବ ବୋଲି ସେ ମତବ୍ୟକ୍ତ କରି ଭୋପାଳ, ଆଜମେର, ମୈସୁର, ଶିଲଂରୁ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପ୍ରାରମ୍ଭରେ ସଂଯୋଜକ ପ୍ରଫେସର ଗୀତାଞ୍ଜଳି ଦାଶ ସ୍ୱାଗତ ସମ୍ଭାଷଣ କରିଥିବାବେଳେ ପରିଶେଷରେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଛାତ୍ରୀବୃନ୍ଦ ଆସାମର ବିହୁ ସହ ମଣିପୁରୀ ଓ ରାଜସ୍ଥାନୀ ନୃତ୍ୟ ପରିବେଷଣ କରିଥିଲେ। ଏହି ଭବ୍ୟ ଉତ୍ସବରେ ଇଣ୍ଡୋ –ତିବ୍ବତୀୟ ସୀମାନ୍ତ ସୁରକ୍ଷା ବାହିନୀର ଉପ ମହାନିର୍ଦ୍ଦେଶକ ରାଣା ଯୁଦ୍ଧବୀର ସିଂ, ପ୍ରତିଷ୍ଠାନର ଡିନ ପ୍ରଫେସର ମାନସୀ ଗୋସ୍ୱାମୀ, ଏନ.ସି.ଇ.ଆର.ଟିର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ହୃଷୀକେଶ ସେନାପତିଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଯୋଗ ଦେଇଥିଲେ । ଏହି ଉଦଘାଟନ ଅବସରରେ ଦୌଡ଼ କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହା ଚଳିତ ମାସ ୧୩ ତାରିଖରେ ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି।

**INSTITUTE LIBRARY**

**REGIONAL INSTITUTE OF EDUCATION, BHUBANESWAR**

**NEWSPAPER CLIPPING**

**NAME OF NEWSPAPER: - DHARITRI**

**PAGE –07** **DATE –14.01.2025**

# ଏକାଗ୍ରତା ରହିଲେ ସଫଳତାର ଶୀର୍ଷରେ ପହଞ୍ଚିହେବ

## ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ସମୂହର ଛାତ୍ର ସମ୍ମେଳନ ଉଦ୍‌ଯାପିତ

ଭୁବନେଶ୍ୱର,୧୩।୧(ସୁଚିସ୍ମିତା ସାହୁ)



ବହୁଭାଷୀ ଓ ସାଂସ୍କୃତିକ ବିବିଧତାର ପରିଚୟ ବହନ କରୁଥିବା ଭାରତ ବର୍ଷ ବସୁଧୈବ କୁଟୁମ୍ବକମ୍ ପାଇଁ ସମଗ୍ର ବିଶ୍ୱରେ ପ୍ରସିଦ୍ଧ। ଆମ ପ୍ରତିଭା ଆମକୁ ପରିଚୟ ପ୍ରଦାନ କରେ। ସଫଳତାର ଶୀର୍ଷରେ ପହଞ୍ଚିବାକୁ ହେଲେ ଏକାଗ୍ରତା ଆବଶ୍ୟକ ବୋଲି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ପଞ୍ଚଦିବସୀୟ ସର୍ବଭାରତୀୟ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଛାତ୍ର ସମ୍ମେଳନ ସୋମବାର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ମନ୍ତ୍ରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଓ ରାଞ୍ଚିର ପତ୍ରସୂଚନା କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଯୋଗଦେଇ କହିଲେ, ଶୃଙ୍ଖଳା ଓ ନିଷ୍ଠା ସର୍ବଦା ସଫଳତାର ଚାବି କାଠି ହୋଇଆସିଛି। ଛାତ୍ରୀଛାତ୍ର ଅଧ୍ୟୟନ ଓ ଗବେଷଣା ସହ ଖେଳକୁଦରେ ମଧ୍ୟ ନିଜର ଆଗ୍ରହ ପ୍ରକାଶ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ପ୍ରତିଷ୍ଠାନ ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ କହିଲେ, ଏହି ସମ୍ମେଳନ ବିଭିନ୍ନ ଭାଷା, ଅଞ୍ଚଳ ଓ ସଂସ୍କୃତି ପୃଷ୍ଠଭୂମି, ଛାତ୍ରୀଛାତ୍ରଙ୍କୁ ଏକାଠି କରି ଭବିଷ୍ୟତର ଶିକ୍ଷକଙ୍କ ମଧ୍ୟରେ ସାମଗ୍ରିକ ଶିକ୍ଷା, ସାଂସ୍କୃତିକ ବୁଝାମଣା ଓ ନେତୃତ୍ୱ ନେବାର ଦକ୍ଷତାକୁ ପ୍ରୋତ୍ସାହିତ କରୁଛି। ଏହି ଅବସରରେ ପିଲାଙ୍କ ମଧ୍ୟରେ ବିତର୍କ, ଚିତ୍ରାଙ୍କନ, ସାଧାରଣଜ୍ଞାନ, ଫୁଟ୍‌ବଲ, ଭଲିବଲ, ବ୍ୟାଡ୍‌ମିଣ୍ଟନ ସମେତ ବିଭିନ୍ନ ବିଭାଗର ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ସମେତ ଆଜ୍‌ମେର, ଭୋପାଳ,ମୈସୁର ଓ ସିଲଂ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଛାତ୍ରୀଛାତ୍ର ଯୋଗଦେଇ ସାହିତ୍ୟ, ଖେଳକୁଦ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଅଧିକାଂଶ ପ୍ରତିଯୋଗୀତାରେ ଭୋପାଳ ଚମ୍ପିୟନ ହୋଇଥିବାବେଳେ ଆଜ୍‌ମେର ରନର ଅପ୍ ହୋଇଥିଲା। ଫୁଟବଲ ପ୍ରତିଯୋଗିତାରେ ଭୁବନେଶ୍ୱର ବିଜୟ ହୋଇଥିଲା। ପ୍ରଫେସର ରୀତାଞ୍ଜଳି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

INSTITUTE LIBRARY

REGIONAL INSTITUTE OF EDUCATION, BHUBANESWAR


NEWSPAPER CLIPPING

NAME OF NEWSPAPER: - PRAMEYA

PAGE –17 DATE –14.01.2025

## ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ସମୂହର ଛାତ୍ର ସମ୍ମିଳନୀ ଉଦ୍‌ଯାପିତ

# ସଫଳତାର ଶୀର୍ଷରେ ପହଞ୍ଚିବାକୁ ଏକାଗ୍ରତା ଆବଶ୍ୟକ




ଭୁବନେଶ୍ୱର,୧୩।୧(ବ୍ୟୁରୋ): ବହୁ ଭାଷା ଓ ସାଂସ୍କୃତିକ ବିବିଧତାର ପରିଚୟ ବହନ କରୁଥିବା ଭାରତବର୍ଷ ବସୁଧୈବ କୁଟୁମ୍ବକମ୍ ନୀତି ପାଇଁ ସାରା ବିଶ୍ୱରେ ପ୍ରସିଦ୍ଧ। ଆମ ପ୍ରତିଭା ଆମକୁ ପରିଚୟ ପ୍ରଦାନ କରେ। ତେବେ ସଫଳତାର ଶୀର୍ଷରେ ପହଞ୍ଚିବାକୁ ହେଲେ ଏକାଗ୍ରତା ଆବଶ୍ୟକ। ସର୍ବଭାରତୀୟ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଛାତ୍ର ସମ୍ମିଳନୀର ଉଦ୍‌ଯାପନ ଉତ୍ସବରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏପରି ମତବ୍ୟକ୍ତ କରିଛନ୍ତି।

ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପରିସରରେ ଆୟୋଜିତ ଏହି ପଞ୍ଚଦିବସୀୟ ସମ୍ମିଳନୀରେ ଭୁବନେଶ୍ୱର ସମେତ ଅଜମେର, ଭୋପାଳ, ଶିଲଂ ଆଦି ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଛାତ୍ରଛାତ୍ରୀ ବିଭିନ୍ନ ସାହିତ୍ୟ ଓ ଖେଳକୁଦ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ସହ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସୋମବାର ଏହାର ଉଦ୍‌ଯାପନୀ ସମାରୋହରେ ରାଜ୍ୟ ବିଦ୍ୟାଳୟ ଓ ଗଣ ଶିକ୍ଷାମନ୍ତ୍ରୀ ଶ୍ରୀ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଓ ରାଞ୍ଚି ପତ୍ର ସୂଚନା କାର୍ଯ୍ୟାଳୟ ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ପ୍ରତିଷ୍ଠାନ ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଦ୍ୱିତୀୟ ଥର ପାଇଁ ପ୍ରତିଷ୍ଠାନ ପରିସରରେ ଏହି ସମ୍ମିଳନୀ ଆୟୋଜିତ ହେବା ଗୌରବର କଥା ବୋଲି ମତ ଦେଇଥିଲେ।

ଏହି ସମ୍ମିଳନୀରେ ବିତର୍କ, ଚିତ୍ରାଙ୍କନ, ସଥାରଞ୍ଜେନ, ଫୁଟବଲ, ଭଲିବଲ, ବ୍ୟାଡମିଣ୍ଟନ ସମେତ ବିଭିନ୍ନ ବିଭାଗର ଦୌଡ଼କୁଦ ପ୍ରତିଯୋଗିତା ହୋଇଥିଲା। ଫୁଟବଲ୍‌ରେ ଭୁବନେଶ୍ୱର ଟିମ୍ ଚାମ୍ପିଅନ ହୋଇଥିବାବେଳେ ଅନ୍ୟ ସବୁ ପ୍ରତିଯୋଗିତାରେ ଭୋପାଳ ଚାମ୍ପିଅନ ଏବଂ ଅଜମେର୍ ରନର୍ସ-ଅପ୍ ହୋଇଥିଲା। କାର୍ଯ୍ୟକ୍ରମ ପରିଶେଷରେ ପ୍ରଫେସର ରାଜେନ୍ଦ୍ରକି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତା ବର୍ଷ ମହୀଶୂରରେ ଏହି ଜାତୀୟସ୍ତରର ବିଦ୍ୟାର୍ଥୀ ସମ୍ମିଳନୀ ଆୟୋଜିତ ହେବ ବୋଲି ସୂଚନା ମିଳିଛି।

INSTITUTE LIBRARY

REGIONAL INSTITUTE OF EDUCATION, BHUBANESWAR

NEWSPAPER CLIPPING

NAME OF NEWSPAPER: - ORISSA POST

PAGE –04 DATE –14.01.2025

# RISM concludes at RIE Bhubaneswar

POST NEWS NETWORK

**Bhubaneswar, Jan 13:** The Regional Institute Students Meet (RISM) 2024-25 at RIE Bhubaneswar concluded Monday with a series of exciting events, including intense sporting competitions, cultural performances, and a grand closing ceremony.

The final day kicked off with the volleyball boys' final, followed by the much-anticipated football boys' final. Players displayed remarkable determination and teamwork, with principal Prakash Chandra Agarwal offering encouragement and motivating them throughout both matches. Earlier in the meet, students had a chance to explore Odisha's cultural heritage through a field trip, enhancing their learning experience beyond the classroom.

School and Mass Education Minister Nityananda Gond attended the event as the chief guest, and Additional Director General of the Press Information Bureau Akhil Kumar Mishra as the guest of honour. In his address, Minister Gond highlighted the significant role of today's youth in shaping the nation's future. He emphasised the importance of education, discipline, and self-belief, urging students to strive for excellence and become responsible citizens.

RIE Bhopal emerged as the overall winner of RISM 2024-25, receiving the championship trophy. The event concluded with the 4x100-meter Mixed Relay Race, symbolising unity and teamwork.

OrissaPOST

INSTITUTE LIBRARY

REGIONAL INSTITUTE OF EDUCATION, BHUBANESWAR

**Newspaper Clipping**

**Name of Newspaper: -*Samaj***

**Page- 02** **Date- 17/01/2025**

# ଜାତୀୟ ଶିକ୍ଷାନୀତି ଲାଗୁ ନେଇ ୧୬ ଜଣିଆ କମିଟି

## ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ ଅଧ୍ୟକ୍ଷ

## ପ୍ରତି ପଞ୍ଚାୟତରେ ଆଦର୍ଶ ପ୍ରାଥମିକ ସ୍କୁଲ: ମନ୍ତ୍ରୀ

ଭୁବନେଶ୍ୱର,୧୬।୧(ନି.ପ୍ର): ଓଡ଼ିଶାରେ ଜାତୀୟ ଶିକ୍ଷାନୀତି ୨୦୨୦ ଲାଗୁ କରିବାକୁ ରାଜ୍ୟ ସରକାରଙ୍କ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଗତକାଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶର ୨୪ ଘଣ୍ଟା ନ ପୂରୁଣୁ ଏନେଇ ଏକ ଷ୍ଟିଅରିଂ କମିଟି ଗଠନ କରାଯାଇଛି। ଗତକାଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟରେ ଜାତୀୟ ଶିକ୍ଷାନୀତି ଲାଗୁ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ଏନଇପି(ନ୍ୟାସନାଲ ଏଜୁକେସନାଲ ପଲିସି) କାର୍ଯ୍ୟକାରୀ କରିବାକୁ ରାଜ୍ୟ ସରକାର ଏହି କମିଟି ଗଠନ କରିଛନ୍ତି। ରାଜ୍ୟପାଳଙ୍କ ନିର୍ଦ୍ଦେଶକ୍ରମେ ଏହି କମିଟି ଗଠନ କରାଯାଇଥିବା ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରାଥମିକ ସ୍ତରରେ ପିଲାଙ୍କୁ ଉତ୍ତମ ଶିକ୍ଷା ଦେବାକୁ ପ୍ରତି ପଞ୍ଚାୟତ ସ୍ତରରେ ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ ବୋଲି କହିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ।

ସୂଚନା ଅନୁଯାୟୀ ୧୬ ସଦସ୍ୟଙ୍କୁ ନେଇ କମିଟି ଗଠନ ହୋଇଥିବାବେଳେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନଙ୍କୁ ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ଏହି କମିଟି ସଦସ୍ୟ ଜାତୀୟ ଶିକ୍ଷାନୀତି ଅନ୍ତର୍ଗତ ପାଠ୍ୟ ଖସଡ଼ା ପ୍ରସ୍ତୁତ କରିବେ। ଆସନ୍ତା ଶିକ୍ଷାବର୍ଷରୁ ଜାତୀୟ ଶିକ୍ଷା ନୀତି ୨୦୨୦ ଲାଗୁ କରାଯିବ। ଗଠିତ ୧୬ ଜଣିଆ କମିଟିରେ ଅବସରପ୍ରାପ୍ତ ଆସୋସିଏଟ୍ ପ୍ରଫେସର ଡ.ଗୋପାଳ ପ୍ରସାଦ ମହାପାତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଉଦୟନାଥ ଦାସ, ଶିକ୍ଷାବିତ୍ ଡ.କିଶୋର ଚନ୍ଦ୍ର ମହାନ୍ତି, ରେଭେନ୍ସା ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗ ପ୍ରଫେସର ସୁଦର୍ଶନ ମିଶ୍ର, ଏନ୍‌ସିଇଆରଟି ପ୍ରଫେସର ରଞ୍ଜନ ଆରୋରା, ପ୍ରଫେସର ସୁନିତା ସନ୍ୱାଲା, ଆର.ଆଇ.ଇ ଅଧ୍ୟକ୍ଷ ପ୍ରଫେସର ପି.ସି ଅଗ୍ରୱାଲ, ଡ.ବିନୟ ପଟ୍ଟନାୟକ, ଡ.ମହେନ୍ଦ୍ର କୁମାର ମିଶ୍ର, ପ୍ରଫେସର ଗାୟତ୍ରୀ ମହାନ୍ତି, ସରୋଜ କୁମାର ପଟ୍ଟନାୟକ, ଡ.ଶ୍ରୁତି ମହାପାତ୍ର, ମୋନାଲି ଜୟରାମ, ଗାୟତ୍ରୀ ବାହିନୀପତି ପ୍ରମୁଖ ସଦସ୍ୟ ରହିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବଙ୍କୁ ସଦସ୍ୟଙ୍କ ଆବାହକ ରଖାଯାଇଛି।

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ଗଣ୍ଡ ଗଣମାଧ୍ୟମକୁ କହିଛନ୍ତି ଯେ, ଆସନ୍ତା ଶିକ୍ଷାବର୍ଷରୁ ସ୍କୁଲ ସ୍ତରରେ ଲାଗୁ ହେବ ଜାତୀୟ ଶିକ୍ଷା ନୀତି-୨୦୨୦। ଏହା ଏକ ଐତିହାସିକ ପଦକ୍ଷେପ। ଏହାଦ୍ୱାରା ସହଜରେ ଶିକ୍ଷାର ସରଳୀକରଣ ହୋଇପାରିବ। ପ୍ରାଥମିକ ବିଦ୍ୟାଳୟ ସ୍ତରରେ ପିଲାଙ୍କ ଭିତ୍ତିଭୂମି ଠିକ୍ ରହିବ। ଜାତୀୟ ଶିକ୍ଷା ନୀତିରେ ଡିଜିଟାଲ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉଛି। ବିଦ୍ୟାଳୟ ସ୍ତରରେ ଧନ୍ଦାମୂଳକ ଶିକ୍ଷା ଦିଆଯିବ। ବିଶେଷ କରି ଓଡ଼ିଆ ଭାଷା, କଳା ଓ ସଂସ୍କୃତିର ମଧ୍ୟ ଏଥିରେ ପ୍ରଚାର ପ୍ରସାର କରାଯାଉଛି। ଜାତୀୟ ଶିକ୍ଷା ନୀତି ଲାଗୁ ହେଲେ ଅଧାରୁ ପାଠ ଛାଡୁଥିବା(ଡ୍ରପ ଆଉଟ) ସଂଖ୍ୟା କମିବା ସହ ଗୁଣାତ୍ମକ ଶିକ୍ଷା ମିଳିପାରିବ। ସେଥିପାଇଁ ରାଜ୍ୟ ସରକାର ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା ମଧ୍ୟ ଲାଗୁ କରିଛନ୍ତି। ଏଥିରେ ୧୫୬ କୋଟି ବ୍ୟୟବରାଦ କରାଯାଇଛି। ନବମ ଓ ଏକାଦଶ ଶ୍ରେଣୀରେ ଛାତ୍ରଛାତ୍ରୀ ନାମ ଲେଖାଇଲେ ତାଙ୍କ ଆକାଉଣ୍ଟକୁ ଟଙ୍କା ଯିବ। ପିଏମ୍ ଶ୍ରୀ ଯୋଜନା ପାଇଁ କେନ୍ଦ୍ର ସରକାରଙ୍କ ସହ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଥିବାବେଳେ ଓଡ଼ିଶାର ପ୍ରାୟ ୩୫୦ ବିଦ୍ୟାଳୟ ଏଥିରେ ସାମିଲ ହୋଇଛି। ଆଉ ଅଧିକ ବିଦ୍ୟାଳୟକୁ ଏଥିରେ ସାମିଲ କରିବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି। ଏହାଦ୍ୱାରା ଶିକ୍ଷା ବ୍ୟବସ୍ଥାରେ ସୁଧାର ଆସିପାରିବ। ଜାନୁଆରୀ ୨୧ରୁ ୨୩ ଯାଏଁ ଜାତୀୟ ଶିକ୍ଷାନୀତି ସମ୍ପର୍କରେ ସଚେତନ ପାଇଁ ସ୍ୱତନ୍ତ୍ର କର୍ମଶାଳା ଆୟୋଜନ କରାଯାଇଛି ବୋଲି ସେ କହିଛନ୍ତି।

INSTITUTE LIBRARY
REGIONAL INSTITUTE OF EDUCATION, BHUBANESWAR

**Newspaper Clipping**

**Name of Newspaper: -*The Statesman***

**Page- 03** **Date- 22/01/2025**

# Pre-school Sishu Vatika admissions in April under NEP

STATESMAN NEWS SERVICE
BHUBANESWAR, 21 JANUARY:

The National Education Policy 2020 will be implemented in the state and as part of it preschool Sishu Vatika admissions will commence in April this year.

Addressing a National Workshop on implementation of NEP in the state here on Tuesday, Chief Minister Mohan Charan Majhi and Union Education Minister Dharmendra Pradhan elaborated on the road map for implementation.

Pradhan requested the CM to launch the primary education NEP format in April for enrolment of children attaining 5 years age in Sishu Vatikas across 63,000 schools.

He criticized the previous BJD government for ignoring NEP and said they were busy spending money on dance and music in educational institutions.

Implementation of NEP 2020 will pave the way for assimilation of Odisha's unique heritage, Odia society's centuries-old mathematical, scientific and architectural prowess into 21st century modern education, said Pradhan.

The National Curriculum Framework (NCF) will serve as the basis for Odisha's State Curriculum Framework. The NCERT will have to ensure that the curriculum, syllabus and teaching-learning material is fully contextualised to Odisha's civilisational and cultural ethos, history, heritage and knowledge traditions.

The Chief Minister said that the NEP focus will be on strengthening primary education. The use of technology in education will be expanded.

Under the Godavarish Mishra Model Primary School Scheme, one school in each panchayat of the state is being developed as a model school. Under the Shaheed Madho Singh Hatha Bhakti Yojana, efforts are to reduce the dropout rate of tribal students, the CM said.

State School and Mass Education Minister Nityanand Gand noted that the NEP has a provision for multilingual education along with mother tongue. He said that this will bring about a major change in the education sector of the state.





The Statesman Wed, 22 January 2025
https://epaper.thestatesman.com/c/76666514

INSTITUTE LIBRARY

REGIONAL INSTITUTE OF EDUCATION, BHUBANESWAR

**Newspaper Clipping**

**Name of Newspaper: -*Dharitri***

**Page- 10** **Date- 23/01/2025**

# ଶିକ୍ଷାଦାନ ପଦ୍ଧତିର ଉନ୍ନତୀକରଣକୁ ଗୁରୁତ୍ୱ



କର୍ମଶାଳାରେ ଏନ୍‌ସିଇଆରଟି ପ୍ରଫେସର ସୁନୀତି ସାନ୍‌ଓ୍ୱାଲ ଓ ଅନ୍ୟମାନେ।

## ଜାତୀୟ ଶିକ୍ଷା ନୀତି ୨୦୨୦ କର୍ମଶାଳାର ଦ୍ୱିତୀୟ ଦିନ

ଭୁବନେଶ୍ୱର,୨୨।୧(ସୁଚିସ୍ମିତା ସାହୁ)

ଜାତୀୟ ଶିକ୍ଷା ନୀତି ୨୦୨୦ କାର୍ଯ୍ୟକାରିତାକୁ ନେଇ ଲୋକସେବା ଭବନରେ ଚାଲିଥିବା ଜାତୀୟସ୍ତରୀୟ କର୍ମଶାଳାର ବୁଧବାର ଦ୍ୱିତୀୟ ଦିନରେ ବ୍ୟାପକ ଆଲୋଚନା ହୋଇଛି। ଏନ୍‌ସିଇଆରଟି ପ୍ରଫେସର ସୁନୀତି ସାନ୍‌ଓ୍ୱାଲ ଅଧ୍ୟକ୍ଷତା କରିଥିବାବେଳେ ଶିଶୁ ବାଟିକାଗୁଡ଼ିକୁ କାର୍ଯ୍ୟକ୍ଷମ କରିବା, ଦ୍ୱିତୀୟ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକ ବିକାଶ, ବିଭିନ୍ନ କାର୍ଯ୍ୟ, ସମୟସୀମା ଏବଂ କାର୍ଯ୍ୟ ଯୋଜନା ଉପରେ ଗୁରୁତ୍ୱାରୋପ କରାଯାଇଛି। ପାଠ୍ୟକ୍ରମ ଭାର ହ୍ରାସ କରିବା, ଧନ୍ଦାମୂଳକ ଶିକ୍ଷା ପ୍ରଚଳନ, ଦକ୍ଷତାମୂଳକ ଶିକ୍ଷାକୁ ପ୍ରୋତ୍ସାହିତ କରିବା, ନୂତନ ବିଷୟ ପ୍ରଚଳନ ସହ ଅଭିନବ ଶିକ୍ଷାଦାନ ପଦ୍ଧତି ଗ୍ରହଣ କରିବା, ବିଭିନ୍ନ ମୂଲ୍ୟାଙ୍କନର ବ୍ୟବହାର ଏବଂ ଶିକ୍ଷା ମାନଦଣ୍ଡ ହାସଲ କରିବା ପାଇଁ ସୁସଂଗଠିତ ସମୟସୀମା ସୁନିଶ୍ଚିତ କରିବା ବିଷୟରେ ଆଲୋଚନା ହୋଇଥିଲା। ଜାତୀୟ ଶିକ୍ଷା ନୀତି ୨୦୨୦ ଏବଂ ଜାତୀୟ ପାଠ୍ୟକ୍ରମ ରୂପରେଖ ୨୦୨୩କୁ ନେଇ ରୋଡ୍‌ମ୍ୟାପ ପ୍ରସ୍ତୁତ କରିବା ପାଇଁ ବିଭିନ୍ନ ଗ୍ରୁପ୍ ମାନସମନ୍ଥନ କରିଥିଲେ। ଏକାଧିକ ବୋର୍ଡର ଏକୀକରଣ, ସ୍ପଷ୍ଟ ପାଠ୍ୟକ୍ରମ ଏବଂ ଶିକ୍ଷଣ ଫଳାଫଳ ସହିତ ଏକ ମାଧ୍ୟମିକ ପର୍ଯ୍ୟାୟ-୨ ରାଜ୍ୟ ପାଠ୍ୟକ୍ରମ ରୂପରେଖ ବିକଶିତ କରିବା ଉପରେ ମତ ଦେଇଥିଲେ। ସେହିପରି ଏନ୍‌ସିଇଆରଟି ପ୍ରଫେସର ଇନ୍ଦ୍ରାଣୀ ଭାଦୁଡ଼ୀଙ୍କ ଅଧ୍ୟକ୍ଷତାରେ ଶିକ୍ଷକମାନେ ଓଡ଼ିଶାର ସରକାରୀ ବିଦ୍ୟାଳୟଗୁଡ଼ିକରେ ବିଭିନ୍ନ ଶ୍ରେଣୀସ୍ତରରେ ହୋଲିଷ୍ଟିକ ପ୍ରୋଗ୍ରେସ କାର୍ଡ ଏବଂ ମୂଲ୍ୟାଙ୍କନ ରେଜିଷ୍ଟର କାର୍ଯ୍ୟକାରୀ କରିବା ଉପରେ କହିଥିଲେ। ବିଦ୍ୟାଳୟଗୁଡ଼ିକରେ ଦକ୍ଷତା ଶିକ୍ଷା ପାଇଁ କାର୍ଯ୍ୟାନ୍ୱୟନ ଯୋଜନାର ରୂପରେଖ ଉପସ୍ଥାପନ କରାଯାଇଥିଲା। ଭିତ୍ତିଭୂମି ଓ ପାଣ୍ଠି, ଶିକ୍ଷକ ନିଯୁକ୍ତି ଓ ସେମାନଙ୍କ ତାଲିମ ଉପରେ ଧ୍ୟାନ ଦେବା ସହ ମୂଲ୍ୟାଙ୍କନ କରି ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିବା ଦିଗରେ ଗୁରୁତ୍ୱାରୋପ କରାଯାଇଥିଲା। ଶିକ୍ଷାଦାନ ଏବଂ ପ୍ରଶାସନିକ ପ୍ରକ୍ରିୟାରେ ପ୍ରଯୁକ୍ତି ବିଦ୍ୟା ତଥା କୃତ୍ରିମ ବୁଦ୍ଧିମତ୍ତାର ଉପଯୁକ୍ତ ତଥା ନିରାପଦ ବ୍ୟବହାର ସମ୍ପର୍କରେ ଆଲୋଚନା ହୋଇଛି।

ଶିଶୁବାଟିକାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟକ୍ରମ ଏବଂ ଟିଏଲ୍‌ଏମ୍ ବିକାଶ ନିମନ୍ତେ ଏକ କାର୍ଯ୍ୟ ଯୋଜନା ବିକଶିତ କରିବା ନେଇ ଆଲୋଚନା ହୋଇଥିଲା। ଏଥିପାଇଁ ତତ୍କାଳ କାର୍ଯ୍ୟସୀମା ୬ମାସ ରଖାଯାଇଥିବାବେଳେ ସ୍ୱଳ୍ପକାଳୀନ ୬ରୁ ୧୨ ମାସ ରହିଛି। ସେହିପରି ଦୀର୍ଘକାଳୀନ ସମୟ ସୀମା ୧ବର୍ଷରୁ ଅଧିକ ରହିଥିବା ସୂଚନା ଦିଆଯାଇଛି। ଏହି କର୍ମଶାଳାରେ ପ୍ରଫେସର କେ. ବିଜୟନ, ଏନ୍‌ସିଇଆରଟି ଡିନ୍ ରିସର୍ଚ୍ଚ ପ୍ରଫେସର ବିନୋଦ କୁମାର, ଏନ୍‌ସିଟିଇ ପ୍ରଫେସର ପଙ୍କଜ ଅରୋରା, ପ୍ରଫେସର ଭି. ଏସ୍. ମେହରୋତ୍ରା, ଏଲ୍‌ଏସ୍‌ପିର ପ୍ରତିଷ୍ଠାତା ଶଙ୍କର ମାରୱାଡ଼ା, ଭୁବନେଶ୍ୱରସ୍ଥିତ ଆର୍‌ଆଇଇର ପ୍ରଫେସର ଆର୍. ମୋହାଲିକ, ଏନ୍‌ଆଇପିଏ ପ୍ରଫେସର ଶଶିକଳା ପୁଷ୍ପା, ଏନ୍‌ସିଇଆରଟିର ପ୍ରଫେସର ରଞ୍ଜନା ଅରୋରା, ପ୍ରଫେସର ରେଖା ଶର୍ମା ପ୍ରମୁଖ ଆଲୋଚନା କରିଥିଲେ।

INSTITUTE LIBRARY

REGIONAL INSTITUTE OF EDUCATION, BHUBANESWAR

**Newspaper Clipping**

**Name of Newspaper: -*Sambad***

***Page-01&09*** ***Dt. -23/01/2025***

ସମ୍ବାଦ

# କମିବ ପାଠ୍ୟକ୍ରମ ବୋଝ

## ୧୫ରୁ ୩୦% ପର୍ଯ୍ୟନ୍ତ ହ୍ରାସ ପାଇବ

## ଧନ୍ଦାମୂଳକ ଶିକ୍ଷାକୁ ପ୍ରୋତ୍ସାହିତ କରାଯିବ

## ଲାଗୁ ହେବ ଏଚ୍‌ପିସି ଓ ମୂଲ୍ୟାଙ୍କନ ରେଜିଷ୍ଟର୍

ଭୁବନେଶ୍ୱର, ୨୨/୧ (ଇମିସ): ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଠ୍ୟକ୍ରମ ହ୍ରାସ ପାଇବ। ପିଲାମାନେ ଏବେ ଯେତିକି ପାଠ୍ୟକ୍ରମରେ ଶିକ୍ଷାଗ୍ରହଣ କରୁଛନ୍ତି ସେଥିରୁ ୧୫ରୁ ୩୦% କାଟି ଦିଆଯିବ। ପୁରୁଣା ପାଠ୍ୟକ୍ରମ ତଥା ବର୍ତ୍ତମାନ ସମୟରେ ଛାତ୍ରଛାତ୍ରୀଙ୍କ ପାଇଁ ଉପଯୋଗୀ ନ ଥିବା ବିଷୟଗୁଡ଼ିକ ପାଠ୍ୟପୁସ୍ତକରୁ ବାଦ ପଡ଼ିବ। ଏଥିସହ ଧନ୍ଦାମୂଳକ ଶିକ୍ଷା ପ୍ରଚଳନ ଓ ଅଭିଜ୍ଞତାମୂଳକ ଶିକ୍ଷାକୁ ପ୍ରୋତ୍ସାହନ ଉପରେ ଧ୍ୟାନ ଦିଆଯିବ। ନୂତନ ବିଷୟ ପ୍ରଚଳନ, ଅଭିନବ ଶିକ୍ଷାଦାନ ପଦ୍ଧତି, ବିବିଧ ମୂଲ୍ୟାଙ୍କନର ବ୍ୟବହାର ଓ ଶିକ୍ଷା ମାନଦଣ୍ଡ ହାସଲ କରିବାକୁ ସୁସଙ୍ଗଠିତ ସମୟସୀମା ସୁନିଶ୍ଚିତ ହେବ। ଶିଶୁ ବାଟିକାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟକ୍ରମ ଏବଂ ଟିଏଲଏମ୍ (ଟିଚିଂ ଲର୍ଣ୍ଣିଂ ମାଟେରିଆଲ୍ସ) ବିକାଶ କରାଯିବ। ଏଥିରେ ୩ ପ୍ରକାରର ସମୟସୀମା ଯଥା ଇମିଡିଏଟ୍ (୬ମାସ ମଧ୍ୟରେ), ସ୍ୱଳ୍ପକାଳୀନ (୬ରୁ ୧୨ମାସ) ଓ ଦୀର୍ଘକାଳୀନ (୧ବର୍ଷରୁ ଅଧିକ) ରହିବ। ପ୍ରମୁଖ କ୍ଷେତ୍ରଗୁଡ଼ିକ ମଧ୍ୟରେ ଶିକ୍ଷାଗତ ଓ ପ୍ରଶାସନିକ ପ୍ରକ୍ରିୟା, ସମ୍ପ୍ରଦାୟ ଭାଗୀଦାରି, ଅନ୍ତର୍ଭୁକ୍ତୀକରଣ ଏବଂ ବିଦ୍ୟାଳୟ କ୍ଲଷ୍ଟର୍ ମାଧ୍ୟମରେ ଆବଶ୍ୟକ ସମ୍ବଳ ବଣ୍ଟନ କରାଯିବ। ଶିକ୍ଷକ ଓ ବିଦ୍ୟାଳୟ ମୁଖ୍ୟମାନଙ୍କ କ୍ଷମତା ବୃଦ୍ଧି କରିବାକୁ ଜାତୀୟ ଶିକ୍ଷା ନୀତି (ଏନ୍‌ଇପି)-୨୦୨୦ ଆଧାରରେ ଯୋଜନା ପ୍ରସ୍ତୁତ ହୋଇଛି।

— ୯

# କମିବ ପାଠ୍ୟକ୍ରମ ବୋଝ...

ଏନ୍‌ଇପି-୨୦୨୦ କର୍ମଶାଳାର ଦ୍ୱିତୀୟ ଦିନରେ ଗ୍ରୁପ୍‌ସ୍ତରୀୟ ଆଲୋଚନା ହୋଇଛି। ପାଠପଢ଼ା ସମୟସୀମା, କାର୍ଯ୍ୟ ଯୋଜନା, ଶିଶୁ ବାଟିକାଗୁଡ଼ିକୁ କାର୍ଯ୍ୟକ୍ଷମ ଏବଂ ଦ୍ୱିତୀୟ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ଏନ୍‌ଇପି ଓ ଜାତୀୟ ପାଠ୍ୟକ୍ରମ ରୂପରେଖା-୨୦୨୩କୁ ନେଇ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବାକୁ ଆଲୋଚନା କରାଯାଇଛି। ଗ୍ରୁପ୍‌ଗୁଡ଼ିକ ପ୍ରଭାବଶାଳୀ ନିର୍ଦ୍ଦେଶ ଓ ମୂଲ୍ୟାଙ୍କନ ପାଇଁ ଏକାଧିକ ବୋର୍ଡର ଏକୀକରଣ, ସ୍ପଷ୍ଟ ପାଠ୍ୟକ୍ରମ ଓ ଶିକ୍ଷଣ ଫଳାଫଳ ସହ 'ମାଧ୍ୟମିକ ପର୍ଯ୍ୟାୟ-୨ ରାଜ୍ୟ ପାଠ୍ୟକ୍ରମ ରୂପରେଖା' ବିକଶିତ କରିବାକୁ ଯୋଜନା ହୋଇଛି। ଏଥିସହ ସରକାରୀ ବିଦ୍ୟାଳୟର ବିଭିନ୍ନ ଗ୍ରେଡ୍ ସ୍ତରରେ ହୋଲିଷ୍ଟିକ୍ ପ୍ରୋଗ୍ରେସ୍ କାର୍ଡ (ଏଚ୍‌ପିସି) ଓ ମୂଲ୍ୟାଙ୍କନ ରେଜିଷ୍ଟର୍ କାର୍ଯ୍ୟକାରୀ କରିବା ଉପରେ ଶିକ୍ଷକମାନେ ମତ ରଖିଛନ୍ତି। ବିଦ୍ୟାଳୟ ସ୍ତରରେ ଏଚ୍‌ପିସି କାର୍ଯ୍ୟକାରୀ କରିବାରେ ଉପୁଜିବାକୁ ଥିବା ଆହ୍ୱାନ ବିଷୟରେ ସେମାନେ ସୂଚନା ଦେଇଛନ୍ତି।

କେବଳ ସେତିକି ନୁହେଁ, ଶିକ୍ଷକଙ୍କ ଶିକ୍ଷା ଓ ବୃତ୍ତିଗତ ବିକାଶକୁ ଏନ୍‌ଇପି ସହିତ ସମନ୍ୱିତ କରିବାକୁ ଏକ ଉତ୍ସର୍ଗୀକୃତ ଟାସ୍କଫୋର୍ସ ଗଠନ କରିବାକୁ ନିଷ୍ପତ୍ତି ହୋଇଛି। ବିଦ୍ୟାଳୟଗୁଡ଼ିକରେ ଦକ୍ଷତା ଶିକ୍ଷା ପାଇଁ କାର୍ଯ୍ୟାନ୍ୱୟନ ଯୋଜନାର ରୂପରେଖା ଉପସ୍ଥାପନ, ଭିତ୍ତିଭୂମି ଓ ପାଣ୍ଠି, ଶିକ୍ଷକ ନିଯୁକ୍ତି, ସେମାନଙ୍କ ତାଲିମ ଉପରେ ଧ୍ୟାନ, ମୂଲ୍ୟାଙ୍କନ କରି ସେମାନଙ୍କୁ ପ୍ରମାଣପତ୍ର ଦେବା ଉପରେ ଆଲୋଚନା କରାଯାଇଛି। ଶିକ୍ଷକଙ୍କୁ ସାହାଯ୍ୟ ଏବଂ ସେମାନଙ୍କ ନିରନ୍ତର ବୃତ୍ତିଗତ ବିକାଶ ପାଇଁ ପ୍ରଯୁକ୍ତିବିଦ୍ୟା ଉପରେ ଗୁରୁତ୍ୱ ଦିଆଯିବ। ଶିକ୍ଷାଦାନ ଓ ପ୍ରଶାସନିକ ପ୍ରକ୍ରିୟାରେ କୃତ୍ରିମ ବୁଦ୍ଧିମତା (ଏଆଇ)ର ଉପଯୁକ୍ତ ଓ ନିରାପଦ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି। ରାଜ୍ୟ ପାଠ୍ୟକ୍ରମ ରୂପରେଖାରେ ଏନ୍‌ଇପିକୁ ସମନ୍ୱୟ କରି ଭିତ୍ତିଭୂମି ଓ ଶିକ୍ଷକ ସମ୍ବନ୍ଧୀୟ ସମସ୍ୟାର ସମାଧାନ ଦିଗରେ ଆଲୋଚନା ସହ 'ପଞ୍ଚକୋଷ' (ଭାରତୀୟ ମନସ୍ତତ୍ତ୍ୱ ଓ ଦର୍ଶନ)କୁ ଉଲ୍ଲେଖ କରାଯାଇଛି। ଶିକ୍ଷଣ ସାମଗ୍ରୀ, କାର୍ଯ୍ୟକଳାପ ଓ ବିଦ୍ୟାଳୟ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତୀକରଣକୁ ପ୍ରାଥମିକତା ଦେବାକୁ ମତପ୍ରକାଶ ପାଇଛି।

କର୍ମଶାଳାର ପ୍ରଥମ ଦିନରେ ୧୦ଟି ଗ୍ରୁପ୍ ମାଧ୍ୟମରେ ବିଭିନ୍ନ କାର୍ଯ୍ୟକଳାପ ଦ୍ୱାରା ଏନ୍‌ଇପିର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟକୁ କାର୍ଯ୍ୟକାରୀ କରିବାକୁ ସାମଗ୍ରୀର ଆବଶ୍ୟକତା ଓ ଗୁରୁତ୍ୱ, ଶିକ୍ଷାଦାନ-ଶିକ୍ଷଣ ସାମଗ୍ରୀର ବିକାଶ, ପାଠ୍ୟପୁସ୍ତକର ପ୍ରାସଙ୍ଗିକୀକରଣ, ଶିକ୍ଷକଙ୍କ ତାଲିମ, ସାକ୍ଷରତା ଓ ସଂଖ୍ୟାଜ୍ଞାନକୁ ପ୍ରୋତ୍ସାହିତ କରିବା ପାଇଁ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ଓ ଡିଜିଟାଲ୍ ହସ୍ତକ୍ଷେପ ବିଷୟରେ ଆଲୋଚନା ହୋଇଥିଲା। ସେହିପରି ପାଠ୍ୟପୁସ୍ତକରେ ବହୁଭାଷାର ସମନ୍ୱୟ, ପ୍ରତି ବିଷୟରେ ଓଡ଼ିଶା ସମ୍ବନ୍ଧକୁ ଗୁରୁତ୍ୱ, ପାଠ୍ୟକ୍ରମ ବିକାଶ ପାଇଁ ସାରଣୀ ପ୍ରସ୍ତୁତି, ଶିକ୍ଷଣ ଫଳାଫଳ, ଅଭିମୁଖୀକରଣ, ଶିକ୍ଷକଙ୍କ ତାଲିମ ଓ ବିଭିନ୍ନ ଅଂଶୀଦାରଙ୍କ ଭୂମିକା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା।

**INSTITUTE LIBRARY**


**REGIONAL INSTITUTE OF EDUCATION, BHUBANESWAR**

**NEWSPAPER CLIPPING**

**NAME OF NEWSPAPER: -THE DHARITRI**

**PAGE –03  DATE –24.01.2025**

# ଭୟ ଦୂର ହେବ, ଡ୍ରପ୍‌ଆଉଟ୍ ହାର କମିବ



କର୍ମଶାଳାରେ ଏନ୍‌ଇପି-୨୦୨୦ ସଂକ୍ରାନ୍ତରେ ବିଭିନ୍ନ ଗ୍ରୁପ୍ ଆଲୋଚନା କରୁଛନ୍ତି।

## ଜାତୀୟସ୍ତରୀୟ ଏନ୍‌ଇପି-୨୦୨୦ କର୍ମଶାଳା

### ଏକକ ରାଜ୍ୟ ପାଠ୍ୟକ୍ରମ, ସାଂସ୍କୃତିକ-ଭାଷାଗତ ବିବିଧତାକୁ ପ୍ରାଧାନ୍ୟ

ଭୁବନେଶ୍ୱର,୨୩।୧(ସୁଚିସ୍ମିତା ସାହୁ)

ରାଜ୍ୟରେ ଅଧିକ ପାଠ୍ୟକ୍ରମ ରହୁଥିବାରୁ ଛାତ୍ରୀଛାତ୍ରଙ୍କ ମନରେ ଥିବା ଭୟ ଜାତୀୟ ଶିକ୍ଷା ନୀତି-୨୦୨୦ ଲାଗୁ ପରେ ଦୂର ହେବ। ସେମାନେ ପାଠକୁ ଯେପରି ସରଳ ଭାବେ ବୁଝିପାରିବେ ଓ ପଢ଼ିପାରିବେ ସେଥିପାଇଁ ସରକାର ଧ୍ୟାନ ଦେଇଛନ୍ତି। ତେଣୁ ଏହି ନୂଆ ଶିକ୍ଷାନୀତି ଲାଗୁ ହେବା ପରେ ରାଜ୍ୟରେ ଡ୍ରପ୍‌ଆଉଟ୍ ହାର କମିବ ବୋଲି ଆଶା କରାଯାଉଛି। ଏଥିସହ ଶିକ୍ଷକଙ୍କ ଶିକ୍ଷାଦାନ ଅଭିଜ୍ଞତାକୁ ବିକାଶ କରାଯିବ। ପରୀକ୍ଷା ମୂଲ୍ୟାଙ୍କନ ତ୍ୱରାନ୍ୱିତ ହେବା ସହ ପରୀକ୍ଷାରେ ସ୍ୱଚ୍ଛତା ରହିବ। ସେହିପରି ଓଡିଶାରେ ଥିବା ବିଭିନ୍ନ ସାଂସ୍କୃତିକ ରୀତିନୀତିଠାରୁ ଆରମ୍ଭ କରି ବିଭିନ୍ନ ଭାଷାରେ ପ୍ରଚଳିତ ଭାଷାକୁ ପାଠ୍ୟକ୍ରମରେ ଗୁରୁତ୍ୱ ଦିଆଯିବ। ପିଲାମାନେ ଯେପରି ପାଠ ପଢ଼ିବାକୁ ଆଗ୍ରହ ପ୍ରକାଶ କରିବେ ସେନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ରାଜ୍ୟରେ ବିଭିନ୍ନ ଆଞ୍ଚଳିକ ଭାଷାର ବ୍ୟବହାର ହେଉଥିବାରୁ ନୂଆ ପାଠ୍ୟଖସଡ଼ାରେ ସେହି ଭାଷାଗୁଡ଼ିକୁ ଗୁରୁତ୍ୱ ଦିଆଯିବ। ରାଜ୍ୟରେ ଜାତୀୟ ଶିକ୍ଷାନୀତି ୨୦୨୦ର କାର୍ଯ୍ୟକାରିତା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନଠାରେ ଚାଲିଥିବା ତିନିଦିନିଆ କର୍ମଶାଳାର ଗୁରୁବାର ଶେଷ ଦିବସରେ ଏସବୁ ଉପରେ ଦଶଟି ଗ୍ରୁପ୍ ବିସ୍ତୃତ ଆଲୋଚନା କରିଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟ, ମଧ୍ୟ ଏବଂ ମାଧ୍ୟମିକ ପର୍ଯ୍ୟାୟ, ମାଧ୍ୟମିକ ପର୍ଯ୍ୟାୟ-୨ ଜରିଆରେ ଛାତ୍ରୀଛାତ୍ରଙ୍କ ପାଠ୍ୟକ୍ରମ ଉପରେ ଧ୍ୟାନ ଦିଆଯାଇଥିଲା। ବିଦ୍ୟାଳୟ ପରିଚାଳନା ଓ ବିଦ୍ୟାଳୟସ୍ତରରୁ କିପରି ଛାତ୍ରୀଛାତ୍ର ଐତିହ୍ୟ ସମ୍ପର୍କରେ ଜାଣିପାରିବେ ସେନେଇ ଆଲୋଚନା ହୋଇଥିଲା। ସେହିପରି ଶିଶୁବାଟିକା ପରିଚାଳନା ଓ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି, ଉଚ୍ଚ ମାଧ୍ୟମିକ ଶିକ୍ଷାନୁଷ୍ଠାନଗୁଡ଼ିକର ଭିତ୍ତିଭୂମି ବିକାଶ, ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ଏବଂ ଇଣ୍ଟରନେଟ ସଂଯୋଗୀକରଣ ସମ୍ପର୍କରେ ପ୍ରେଜେଣ୍ଟେଶନ ମାଧ୍ୟମରେ ଆଲୋଚନା କରାଯାଇଥିଲା। ପ୍ରଶାସନିକ ଅଧିକାରୀଙ୍କ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମରେ ନୂତନ ଶିକ୍ଷଣପ୍ରଣାଳୀ ବିଷୟରେ ଶିକ୍ଷକଙ୍କୁ ସଚେତନ କରିବା ନେଇ ଗ୍ରୁପଗୁଡିକ ନିଜ ମତ ପ୍ରକାଶ କରିଛନ୍ତି।

**INSTITUTE LIBRARY**

**REGIONAL INSTITUTE OF EDUCATION, BHUBANESWAR**

**NEWSPAPER CLIPPING**

**NAME OF NEWSPAPER: -PRAMEYA**

**PAGE –05 DATE –24.01.2025**

## ଏନ୍‌ଇପି ପ୍ରଣୟନ ପାଇଁ ଜାତୀୟ କର୍ମଶାଳା ଉଦ୍‌ଯାପିତ

# ସିଲାବସ୍, କ୍ଲାସରୁମ୍ ଶିକ୍ଷାଦାନକୁ ଗୁରୁତ୍ୱ

ଭୁବନେଶ୍ୱର,୨୩।୧(ବ୍ୟୁରୋ): ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ୨୦୨୦ ପ୍ରଣୟନ ପାଇଁ ଚାଲିଥିବା ତିନି ଦିନିଆ ଜାତୀୟ କର୍ମଶାଳା ଆଜି ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଶେଷ ଭାବେ ପ୍ରାରମ୍ଭିକ ପର୍ଯ୍ୟାୟ ଓ ପ୍ରସ୍ତୁତି ପର୍ଯ୍ୟାୟର ସିଲାବସ୍, କ୍ଲାସ୍ ରୁମ୍ ଶିକ୍ଷାଦାନ ଆଦିକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଏନେଇ ଏକ କ୍ରିୟାନୁଷ୍ଠାନ ଯୋଜନା ତିଆରି କରାଯାଇଛି।

ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଆୟୋଜିତ କାର୍ଯ୍ୟକ୍ରମରେ ୧୦ଟି ଗ୍ରୁପ୍ ମାଧ୍ୟମରେ ଜାତୀୟ ଶିକ୍ଷାନୀତିର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଛି। ଆଲୋଚନାରେ ୨୦୨୫ ଶିକ୍ଷା ବର୍ଷରେ ଶିଶୁ ବାଟିକା ପରିଚାଳନା କ୍ଷେତ୍ରରେ ପାଠ୍ୟପୁସ୍ତକର ବିକାଶ, ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ନେଇ ଆଲୋଚନା ହୋଇଛି। ସେହିପରି ଉଚ୍ଚ ମାଧ୍ୟମିକ ଶିକ୍ଷାନୁଷ୍ଠାନର ବିସ୍ତାର କରିବା ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷାନୁଷ୍ଠାନରେ ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ଏବଂ ଇଣ୍ଟରନେଟ୍ ସଂଯୋଗୀକରଣ ସଂପର୍କରେ ଆଲୋଚନା କରାଯାଇଛି।

ଓଡ଼ିଶାର ସାଂସ୍କୃତିକ ଓ ଭାଷାଗତ ବିବିଧତାକୁ ଦୃଷ୍ଟିରେ ରଖି ସମସ୍ତ ପର୍ଯ୍ୟାୟ ପାଇଁ ଏକକ ରାଜ୍ୟ ପାଠ୍ୟକ୍ରମ ରୂପରେଖ ବିକାଶ ନେଇ ସମସ୍ତେ ମତାମତ ରଖିଥିଲେ। ଜାତୀୟ ଶିକ୍ଷା ନୀତି ଉପରେ ପ୍ରଶାସନିକ ଅଧିକାରୀଙ୍କ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ, ନୂତନ ଶିକ୍ଷଣ ପ୍ରଣାଳୀ ବିଷୟରେ ଶିକ୍ଷକଙ୍କୁ ସଚେତନ କରିବା ନେଇ ଅଂଶଗ୍ରହଣକାରୀମାନେ ମତ ଦେଇଥିଲେ। ଏପରିକି ଏନ୍‌ସିଇଆର୍‌ଟିର ରାଜ୍ୟ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ସହଯୋଗରେ ସିଲାବସ୍ ପ୍ରସ୍ତୁତ କରାଯିବ।

ପ୍ରାରମ୍ଭିକ, ପ୍ରସ୍ତୁତି, ମଧ୍ୟ ଓ ମାଧ୍ୟମିକ ପର୍ଯ୍ୟାୟରେ କିଭଳି ଭାବେ ଏହାକୁ ଲାଗୁ କରାଯିବ ସେନେଇ ଆଲୋଚନା ହୋଇଥିଲା। ସେହିପରି ଜାତୀୟ ଶିକ୍ଷା ନୀତି ଲାଗୁ କରାଗଲେ ସେଥିରେ ମୂଲ୍ୟାଙ୍କନ, ପରୀକ୍ଷା ସଂସ୍କାର, ଶିକ୍ଷକ ଶିକ୍ଷା ଓ ଶିକ୍ଷକ ବିକାଶ, ଦକ୍ଷତା ବିକାଶ, ପ୍ରଯୁକ୍ତି ବିଦ୍ୟା ଓ ଡିଜିଟାଲ୍ ଶିକ୍ଷା, ବିଦ୍ୟାଳୟ ପରିଚାଳନା ଓ ଐତିହ୍ୟ, ରାଜ୍ୟ ପାଠ୍ୟକ୍ରମର ରୂପରେଖର ବିକାଶ ନେଇ ଆଲୋଚନା କରାଯାଇଥିଲା।

**INSTITUTE LIBRARY**

**REGIONAL INSTITUTE OF EDUCATION, BHUBANESWAR**

**NEWSPAPER CLIPPING**

**NAME OF NEWSPAPER: -SAMBAD**

**PAGE -01,09 DATE -24.01.2025**

# ଏଣିକି ପ୍ରାଥମିକ ବିଦ୍ୟାଳୟରେ ୬ଟି ଶ୍ରେଣୀ

ଭୁବନେଶ୍ୱର,୨୩/୧(ଇମିସ): ପ୍ରାଥମିକ ବିଦ୍ୟାଳୟ ଉପରେ ଚାପ ବଢ଼ିବାକୁ ଯାଉଛି। ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ପ୍ରାଥମିକ ବିଦ୍ୟାଳୟରେ ଆଉ ଗୋଟିଏ ଶ୍ରେଣୀ ଯଥା ଶିଶୁବାଟିକା-୩ ଆସନ୍ତା ଶିକ୍ଷାବର୍ଷରୁ ଯୋଡ଼ିହେବ। ଏହାଦ୍ୱାରା ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀ ସଂଖ୍ୟା ୬ରେ ପହଞ୍ଚିବ। ବିଦ୍ୟାଳୟର ପ୍ରଥମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ପଢ଼ାଉଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ଶିଶୁବାଟିକା-୩ରେ ନାମ ଲେଖାଇବାକୁ ଥିବା ପିଲାଙ୍କୁ ଶିକ୍ଷାଦାନ କରିବେ। କ୍ଲାସରୁମ୍‌ରେ ପିଲାଙ୍କ ଯତ୍ନ ନେବେ। ସେମାନଙ୍କ ପାଠପଢ଼ା ସହ ଖେଳକୁଦ, ନାଚଗୀତ ଓ ଅନ୍ୟାନ୍ୟ କାର୍ଯ୍ୟକଳାପ ଦେଖିବେ। ଜାତୀୟ ଶିକ୍ଷା ନୀତି(ଏନ୍‌ଇପି)-୨୦୨୦ ଲାଗୁ ନେଇ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ପରେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥାରେ ଏଭଳି ପରିବର୍ତ୍ତନ ହେବାକୁ ଯାଉଛି। ଗୋଟିଏପଟେ ସରକାରୀ ବିଦ୍ୟାଳୟରେ ଭିତ୍ତିଭୂମି ଅଭାବ ରହିଥିବା ବେଳେ ଅନ୍ୟପଟେ ନୂତନ ଶିକ୍ଷା ନୀତି ଲାଗୁ ଦ୍ୱାରା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପରେ ଚାପ ବଢ଼ିବାକୁ ଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି।

ସେପଟେ ଏନ୍‌ଇପି-୨୦୨୦ର କାର୍ଯ୍ୟକାରିତା ନେଇ ଚାଲିଥିବା ତିନିଦିନିଆ

- ଶିଶୁବାଟିକା-୩ରେ ପଢ଼ାଇବେ ପ୍ରଥମ ଶ୍ରେଣୀ ଶିକ୍ଷକ
- ଜାତୀୟ ଶିକ୍ଷା ନୀତି-୨୦୨୦ କର୍ମଶାଳା ଉଦ୍‌ଯାପିତ
- ପ୍ରଯୁକ୍ତିବିଦ୍ୟା ପ୍ରୟୋଗ, ଇଣ୍ଟରନେଟ୍ ସଂଯୋଗକୁ ଗୁରୁତ୍ୱ

କର୍ମଶାଳାର ଶେଷ ଦିନରେ ଆଜି ବିଭିନ୍ନ ବିଷୟବସ୍ତୁ ଉପରେ ଆଲୋଚନା ହୋଇଛି। ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନଠାରେ ଏନ୍‌ଇପିର ବିଭିନ୍ନ ଦିଗକୁ ନେଇ ୧୦ଟି ଗ୍ରୁପ୍ ବିସ୍ତୃତ ଆଲୋଚନା କରିଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟ, ମଧ୍ୟ ଓ ମାଧ୍ୟମିକ ପର୍ଯ୍ୟାୟ, ମାଧ୍ୟମିକ ପର୍ଯ୍ୟାୟ-୨, ମୂଲ୍ୟାଙ୍କନ ଓ ପରୀକ୍ଷା ସଂସ୍କାର, ଶିକ୍ଷକ ଶିକ୍ଷା ଓ ଶିକ୍ଷକ ➜ ୯

## ଏଣିକି ପ୍ରାଥମିକ ବିଦ୍ୟାଳୟରେ...

କାଶ, ଦକ୍ଷତା ବିକାଶ, ପ୍ରଯୁକ୍ତିବିଦ୍ୟା, ଡିଜିଟାଲ୍ ଶିକ୍ଷା, ଦ୍ୟାଳୟ ପରିଚାଳନା ଓ ଐତିହ୍ୟ, ରାଜ୍ୟ ପାଠ୍ୟକ୍ରମ ରୂପରେଖର ବିକାଶ ଓ ଡ୍ରପ୍‌ଆଉଟ୍ ହାର ହ୍ରାସ ନେଇ ବ୍ୟାପକ ଚାରବିମର୍ଶ କରାଯାଇଛି। ରାଜ୍ୟରେ ଏନ୍‌ଇପି କାର୍ଯ୍ୟକାରୀ ରିବାକୁ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରିବା ପାଇଁ ଦଳଗତ ପସ୍ଥାପନାରୁ ତୃତୀୟ ଦିନର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଶଷ ଦିନର ସମସ୍ତ ଦଶଟି ଦଳ ନିଜ ନିଜ ଉପସ୍ଥାପନ ାଧ୍ୟମରେ ବିଭିନ୍ନ ପରାମର୍ଶ ଦେଇଥିଲେ। ଆସନ୍ତା ଶିକ୍ଷାବର୍ଷରେ ଶୁବାଟିକାର ପରିଚାଳନା, ପାଠ୍ୟପୁସ୍ତକର ବିକାଶ, ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି, ଉଚ୍ଚ ମାଧ୍ୟମିକ ଶିକ୍ଷାନୁଷ୍ଠାନଗୁଡ଼ିକୁ ବିସ୍ତାର କରିବା, ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା, ଇଣ୍ଟରନେଟ୍ ସଂଯୋଗୀକରଣ ସମ୍ପର୍କରେ ଉପସ୍ଥାପନ ମାଧ୍ୟମରେ ଆଲୋଚନା କରାଯାଇଛି। ଓଡ଼ିଶାର ସାଂସ୍କୃତିକ ଓ ଭାଷାଗତ ବିବିଧତାକୁ ଦୃଷ୍ଟିରେ ରଖି ସମସ୍ତ ପର୍ଯ୍ୟାୟ ପାଇଁ ଏକକ ରାଜ୍ୟ ପାଠ୍ୟକ୍ରମ ରୂପରେଖ ବିକାଶ ଉପରେ ସମସ୍ତେ ମତାମତ ରଖିଥିଲେ। ପ୍ରାଶାସନିକ ଅଧିକାରୀଙ୍କ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ, ନୂତନ ଶିକ୍ଷା ପ୍ରଣାଳୀ ବିଷୟରେ ଶିକ୍ଷକମାନଙ୍କୁ ସଚେତନ କରିବା ନେଇ [illegible]

INSTITUTE LIBRARY

REGIONAL INSTITUTE OF EDUCATION, BHUBANESWAR

NEWSPAPER CLIPPING

NAME OF NEWSPAPER: -THE SAMAJA

PAGE –04 DATE –24.01.2025

# ଜାତୀୟ ଶିକ୍ଷା ନୀତି କର୍ମଶାଳା ଉଦ୍‌ଯାପିତ

ଭୁବନେଶ୍ୱର, ୨୩।୧ (ନି.ପ୍ର.): ଜାତୀୟ ଶିକ୍ଷାନୀତି ୨୦୨୦ର କାର୍ଯ୍ୟକାରିତା ନେଇ ଚାଲିଥିବା ତିନି ଦିନିଆ କର୍ମଶାଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନଠାରେ ଜାତୀୟ ଶିକ୍ଷା ନୀତିର ବିଭିନ୍ନ ଦିଗକୁ ନେଇ ଦଶଟି ଦଳ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ମୂଲ୍ୟାଙ୍କନ ଏବଂ ପରୀକ୍ଷା ସଂସ୍କାର, ଶିକ୍ଷକ ଶିକ୍ଷା ଏବଂ ଶିକ୍ଷକ ବିକାଶ, ଦକ୍ଷତା ବିକାଶ, ପ୍ରଯୁକ୍ତିବିଦ୍ୟା ଏବଂ ଡିଜିଟାଲ ଶିକ୍ଷା, ବିଦ୍ୟାଳୟ ପରିଚାଳନା ସହ ଅଧାରୁ ପାଠପଢ଼ା ଛାଡ଼ୁ କମାଇବା ନେଇ ଆଲୋଚନା କରାଯାଇଛି । ରାଜ୍ୟରେ ଜାତୀୟ ଶିକ୍ଷା ନୀତି ୨୦୨୦ କାର୍ଯ୍ୟକାରୀ କରିବା ନେଇ ଏକ ଖସଡ଼ା ପ୍ରସ୍ତୁତ କରିବାକୁ ସ୍ଥିର ହୋଇଛି । ଅନ୍ତିମ ଦିନର ସମସ୍ତ ଦଶଟି ଦଳ ନିଜର ପରାମର୍ଶ ଉପସ୍ଥାପନ କରିଥିଲେ । ୨୦୨୫ ଶିକ୍ଷା ବର୍ଷରେ ଶିଶୁ ବାଟିକାକୁ ପରିଚାଳନା କରିବା, ପାଠ୍ୟପୁସ୍ତକର ବିକାଶ, ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ନେଇ ଆଲୋଚନା କରାଯିବା ସହ ଉଚ୍ଚ ମାଧ୍ୟମିକ ଶିକ୍ଷାନୁଷ୍ଠାନ ବିସ୍ତାର କରିବା ବିଷୟରେ ଆଲୋକପାତ କରିଥିଲେ ବିଶେଷଜ୍ଞ । ଓଡ଼ିଶାର ସାଂସ୍କୃତିକ ଏବଂ ଭାଷାଗତ ବିବିଧତାକୁ ଦୃଷ୍ଟିରେ ରଖି ସମସ୍ତ ପର୍ଯ୍ୟାୟ ପାଇଁ ଏକକ ରାଜ୍ୟ ପାଠ୍ୟକ୍ରମ ରୂପରେଖ ବିକାଶ କରିବାକୁ ବିଶେଷଜ୍ଞମାନେ ମତପୋଷଣ କରିଥିଲେ ।

INSTITUTE LIBRARY

REGIONAL INSTITUTE OF EDUCATION, BHUBANESWAR

NEWSPAPER CLIPPING

NAME OF NEWSPAPER: -PRAMEYA

PAGE –19 DATE –28.01.2025

# ○ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ

ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପକ୍ଷରୁ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି । କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଦେଶ ପ୍ରତି ସମର୍ପିତ ହୋଇ ସେବା କରିବାକୁ ଆହ୍ୱାନ କରିଥିଲେ । ଏହି ଅବସରରେ ପ୍ରଫେସର ଅଗ୍ରୱାଲ ପତାକା ଉତ୍ତୋଳନ କରି ପରେଡ୍ ଅଭିବାଦନ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ସମସ୍ତ ଶିକ୍ଷାର୍ଥୀ, ଅଧ୍ୟାପକ ଓ ଡିଏମ୍ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଦେଇଥିଲେ ।

**INSTITUTE LIBRARY**


**REGIONAL INSTITUTE OF EDUCATION, BHUBANESWAR**

**NEWSPAPER CLIPPING**

**NAME OF NEWSPAPER: - THE SAMAJA**

**PAGE – 09 DATE –17.02.2025**

# 'ଶିକ୍ଷାର ସାମଗ୍ରିକ ବିକାଶରେ ଏନ୍‌ସିଇଆରଟିର ଅବଦାନ ଅନନ୍ୟ'



ମଞ୍ଚେଶ୍ୱର,୧୬।୨(ନି.ପ୍ର): ଏନ୍‌ସିଇଆରଟି କେବଳ ଏକ ଅନୁଷ୍ଠାନ ନୁହେଁ ଦେଶର ଶିକ୍ଷା ବ୍ୟବସ୍ଥାକୁ ବ୍ୟବସ୍ଥିତ ଓ ଶୃଙ୍ଖଳିତ କରିବା ସହ ଶିକ୍ଷାର ସାମଗ୍ରିକ ବିକାଶରେ ଏହାର ଅବଦାନ ଅନନ୍ୟ ବୋଲି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଅଧ୍ୟକ୍ଷ ପ୍ରଫେସର ଜଗଦୀଶ କୁମାର ମତବ୍ୟକ୍ତ କରିଛନ୍ତି। ମହାରାଷ୍ଟ୍ର ନାଗପୁର ଆଇଆଇଏମ ପରିସରରେ ୨ ପର୍ଯ୍ୟାୟ ତାଲିମ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଫେସର କୁମାର ନିରବଚ୍ଛିନ୍ନ ଭାବେ ଶିକ୍ଷା କ୍ଷେତ୍ରରେ ଏନ୍‌ସିଇଆରଟି ଦାୟିତ୍ୱ ନିର୍ବାହ କରିଆସୁଥିବା ନେଇ ପ୍ରଶଂସା କରିଥିଲେ। ଏଥିରେ ଏନ୍‌ସିଇଆରଟିର ନିର୍ଦ୍ଦେଶକ ପ୍ରଫେସର ଦିନେଶ କେବଳ ବୌଦ୍ଧିକ କି ଭାବାତ୍ମକ ନୁହେଁ ଶାରିରୀକ ଓ ସାମାଜିକ ବିକାଶରେ ଶିକ୍ଷାର ଭୂମିକା କିଭଳି ଅପରିହାର୍ଯ୍ୟ ତାହା କହିଥିଲେ। ସିବିଏସ୍‌ଇର ଅଧ୍ୟକ୍ଷ ରାହୁଲ ସିଂ, ଭାରତୀୟ ଜ୍ଞାନ ପରମ୍ପରାର ବିଦ୍ୱାନ ପ୍ରଫେସର ବି ମହାଦେବନ, ଭାରତୀୟ ଭାଷା ପରିଷଦର ଅଧ୍ୟକ୍ଷ ପଦ୍ମଶ୍ରୀ ଚମକୃଷ୍ଣ ଶାସ୍ତ୍ରୀ, ହରିସିଂ ଗୌର, ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ନୀଳିମା ଗୁପ୍ତା, ଆଇଆଇଏମ୍ ନାଗପୁରର ଡିନ ପ୍ରଫେସର ମୁକୁନ୍ଦ ବ୍ୟାସଙ୍କ ସମେତ ବହୁ ପ୍ରଫେସର, ସହଯୋଗୀ ପ୍ରଫେସର ଆଦିଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ୧୬୫ ପ୍ରଶିକ୍ଷାର୍ଥୀ ଶିକ୍ଷା ଗ୍ରହଣ କରିଥିଲେ।

INSTITUTE LIBRARY
REGIONAL INSTITUTE OF EDUCATION, BHUBANESWAR

**Newspaper Clipping**

**Name of Newspaper: -*The Samaja***

**Page- 11** **Date- 22/02/2025**

# 'ମାତୃଭାଷା ଗୋଟିଏ ଜାତିର ଜୀବନ୍ତ ଐତିହ୍ୟ'




ଉତ୍ତର ଭୁବନେଶ୍ୱର, ୨୧।୨ (ନି.ପ୍ର): ମାତୃଭାଷା ଗୋଟିଏ ଜାତିର ଜୀବନ୍ତ ଐତିହ୍ୟ ବୋଲି ୟୁନିଟ-୯ସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପରିସରରେ ଶୁକ୍ରବାର ଅନୁଷ୍ଠିତ ବିଶ୍ୱ ମାତୃଭାଷା ଦିବସ ସମାରୋହରେ ମତ ପ୍ରକାଶ ପାଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ର. ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଏହି ମତ ଦେବା ସହ ମାତୃଭାଷାର ବିକଳ୍ପ ନାହିଁ ବୋଲି କହିଥିଲେ। ପ୍ରତିଷ୍ଠାନର ଡିନ୍ ପ୍ର. ମାନସୀ ଗୋସ୍ୱାମୀ କହିଲେ, ଉଭୟ ବଙ୍ଗଳା ଓ ଓଡ଼ିଆ ଭାଷା ତାଙ୍କୁ ପ୍ରଭାବିତ କରିଛି। ବହୁଭାଷୀ କବିତା ଆବୃତ୍ତି ଓ ମାତୃଭାଷା ସମ୍ପର୍କିତ ପ୍ରବନ୍ଧ ପ୍ରତିଯୋଗିତାର କୃତୀଙ୍କୁ ପୁରସ୍କୃତ କରାଯାଇଥିଲା।

ଛାତ୍ରଛାତ୍ରୀ ବହୁ ଭାଷୀ ସଂଗୀତ ପରିବେଷଣ ସହ ଆସାମୀୟ, ନେପାଳୀ, ଉର୍ଦ୍ଦୁ, ବଙ୍ଗଳା, ଓଡ଼ିଆ, ମୈଥିଳୀ, ହିନ୍ଦୀ ଓ ଇଂରାଜୀ ଭାଷାରେ କବିତା ଓ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଓଡ଼ିଆ ଅଧ୍ୟାପକ ଡ. ଦେବାଶିଷ ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ବଙ୍ଗଳା ଅଧ୍ୟାପକ ଡ. ରାହୁଲ ସାହାନା ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ।

INSTITUTE LIBRARY

REGIONAL INSTITUTE OF EDUCATION, BHUBANESWAR

**Newspaper Clipping**

**Name of Newspaper: -*Pragativadi***

**Page- 09** **Date- 22/02/25**

# ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ବିଶ୍ୱ ମାତୃଭାଷା ଦିବସ




■ ଭୁବନେଶ୍ୱର, ତା୨୧।୨(ପିଏନଏସ)

ମାତୃଭାଷା ଗୋଟିଏ ଭାଷାଭାଷୀ ଗୋଷ୍ଠୀର ଜୀବନ ଐତିହ୍ୟ ପରିଚୟକୁ ପରିବ୍ୟାପ୍ତ କରିବା ସହ ଗର୍ବ ଓ ଗୌରବର ବିଜୟ ବୈଜୟନ୍ତି ଉଡାଇଥାଏ ବୋଲି ଶୁକ୍ରବାର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଆୟୋଜିତ 'ବିଶ୍ୱ ମାତୃଭାଷା ଦିବସ'ରେ ମତ ପ୍ରକାଶ ପାଇଛି । ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଏହି ମତ ପ୍ରକାଶ କରିବା ସହ ଆମକୁ ସ୍ୱପ୍ନ ପ୍ରବତି ଓ ସୃଜନଶୀଳ କରୁଥିବା ମାତୃଭାଷାର ବିକଳ୍ପ ନାହିଁ ବୋଲି କହିଥିଲେ । ଏହି ଅବସରରେ ପ୍ରତିଷ୍ଠାନର ଡିନ ପ୍ରଫେସର ମାନସୀ ଗୋସ୍ୱାମୀ ନିଜ ଅଭିଭାଷଣରେ ବଙ୍ଗଳା ଓ ଓଡ଼ିଆ ଭାଷାର ସମ୍ପର୍କ କଥା ବୁଝାଇବା ସହ ବ୍ୟକ୍ତିଗତ ଭାବେ ଉଭୟ ଭାଷା କିଭଳି ତାଙ୍କୁ ପ୍ରଭାବିତ କରିଛି ସେ କଥା କହିଥିଲେ । ଏହି ପରିପ୍ରେକ୍ଷୀରେ ଆୟୋଜିତ ବହୁଭାଷୀ କବିତା ଆବୃତ୍ତି ଓ ମାତୃଭାଷା ସମ୍ପର୍କରେ ପ୍ରବନ୍ଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହାସହ ଛାତ୍ରଛାତ୍ରୀମାନଙ୍କ ତରଫରୁ ବହୁ ଭାଷୀ ସଙ୍ଗୀତ ପରିବେଷଣ ସହ ଅସମୀୟ, ନେପାଳି, ଉର୍ଦ୍ଦୁ ,ବଙ୍ଗଳା, ଓଡ଼ିଆ, ମୈଥିଳୀ ହିନ୍ଦୀ ଓ ଇଂରାଜୀ ଭାଷାରେ କବିତା ଓ ବକ୍ତବ୍ୟ ଉପସ୍ଥାପନା କରିଥିଲେ। ପ୍ରତିଷ୍ଠାନର ଓଡ଼ିଆ ଅଧ୍ୟାପକ ଡ଼. ଦେବାଶିଷ ମହାପାତ୍ର ମଞ୍ଚ ପରିଚାଳନା କରିଥିବାବେଳେ ବଙ୍ଗଳା ଅଧ୍ୟାପକ ଡ଼.ରାହୁଲ ସାହାନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

INSTITUTE LIBRARY

REGIONAL INSTITUTE OF EDUCATION, BHUBANESWAR

**Newspaper Clipping**

**Name of Newspaper: -*The Sambad***

**Page- 07** **Date- 22/02/2025**

# ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ




ଭୁବନେଶ୍ୱର, ୨୧/୨(ଇମିସ): ମାତୃଭାଷା ଗୋଟିଏ ଭାଷାଭାଷୀ ଗୋଷ୍ଠୀର ଜୀବନ୍ତ ଐତିହ୍ୟ। ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପରିସରରେ ଅନୁଷ୍ଠିତ 'ବିଶ୍ୱ ମାତୃଭାଷା ଦିବସ'ରେ ଅତିଥି ଭାବେ ଯୋଗଦେଇ ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଏଭଳି ମତ ଦେଇଛନ୍ତି। ପ୍ରତିଷ୍ଠାନର ଡିନ୍ ମାନସୀ ଗୋସ୍ୱାମୀ ଅନ୍ୟତମ ଅତିଥି ଭାବେ ଯୋଗଦେଇ ବଙ୍ଗଳା ଓ ଓଡ଼ିଆ ଭାଷାର ସଂପର୍କ ବିଷୟରେ କହିଥିଲେ। ବହୁ ଭାଷୀ କବିତା ଆବୃତ୍ତି ଓ ପ୍ରବନ୍ଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀମାନେ ବିଭିନ୍ନ ଭାଷାରେ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରତିଷ୍ଠାନର ଓଡ଼ିଆ ଅଧ୍ୟାପକ ଦେବାଶିଷ ମହାପାତ୍ର ମଞ୍ଚ ପରିଚାଳନା କରିଥିଲା ବେଳେ ବଙ୍ଗଳା ଅଧ୍ୟାପକ ରାହୁଲ ସାହାନା ସ୍ୱାଗତ ଭାଷଣ ଦେଇଥିଲେ।

INSTITUTE LIBRARY

REGIONAL INSTITUTE OF EDUCATION, BHUBANESWAR

**Newspaper Clipping**

**Name of Newspaper: -*The Samaja***

**Page- 10** **Date- 04/03/2025**

# ଜାତୀୟ ବିଜ୍ଞାନ ଦିବସ

ଉତ୍ତରଭୁବନେଶ୍ୱର, ୩।୩ (ନି.ପ୍ର): ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ପ୍ର. ପ୍ରକାଶ ଚନ୍ଦ୍ର ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. କରୁଣାକର ନନ୍ଦ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଡିନ ପ୍ର. ମାନସୀ ଗୋସ୍ୱାମୀ, ପ୍ର. ଶରତ ଦାଶ ବକ୍ତବ୍ୟ ରଖିଥିଲେ। ଡ. ଦେବପ୍ରକାଶ ବର୍ମା ପରିଚାଳନା କରିଥିଲେ।

INSTITUTE LIBRARY

REGIONAL INSTITUTE OF EDUCATION, BHUBANESWAR

**Newspaper Clipping**

**Name of Publisher: - *PIB Bhubaneshwar***

**Posted On: 18 MAR 2025 6:49PM by PIB Bhubaneshwar**

Azadi Ka Amrit Mahotsav


ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ

# ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପରିଦର୍ଶନ କଲେ ମିଜୋରାମର ଶିକ୍ଷକ-ପ୍ରଶିକ୍ଷକ ପ୍ରତିନିଧି ଦଳ

Posted On: 18 MAR 2025 6:49PM by PIB Bhubaneshwar

ମିଜୋରାମର ଆଇଜଲ୍ ସ୍ଥିତ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଶ୍ରୀ ଏଚ୍. ଲୋଲଫକ ଜୁଆଲାଙ୍କ ନେତୃତ୍ୱରେ ସେଠାକାର ବାରଜଣ ଶିକ୍ଷକ-ପ୍ରଶିକ୍ଷ
ଆଜି ସ୍ଥାନୀୟ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଶୈକ୍ଷିକ ପରିଦର୍ଶନରେ ଆସିଛନ୍ତି । ସେମାନେ ବିଭିନ୍ନ ବିଭାଗ, ପୁସ୍ତକାଳୟ, ଶିକ୍ଷଣ ସମ୍ବଳ କେନ୍ଦ୍ର, ଆଇସି
ଷ୍ଟୁଡିଓ, ଔଷଧୀୟ ଉଦ୍ୟାନ ଆଦି ବୁଲି ଦେଖିଥିଲେ। ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଶିକ୍ଷକ-ପ୍ରଶିକ୍ଷକମାନଙ୍କୁ
ଏନସିଇଆରଟିର କାର୍ଯ୍ୟାବଳୀ ବିଷୟରେ ଅବଗତ କରାଇଥିଲେ । ସେ ଶୈକ୍ଷିକ ଗବେଷଣା, ପ୍ରଶିକ୍ଷଣ, ଶିକ୍ଷଣ ସାମଗ୍ରୀ ବିକାଶ ଓ ବିସ୍ତାର କାର୍ଯ୍ୟକ୍ରମରେ
ଆଞ୍ଚଳିକ ପ୍ରତିଷ୍ଠାନ, ଭୁବନେଶ୍ୱରର ଯୋଗଦାନ ସମ୍ପର୍କରେ ଦର୍ଶାଇଥିଲେ।

ପ୍ରାରମ୍ଭରେ ଶିକ୍ଷା ବିଭାଗର ମୁଖ୍ୟ ପ୍ରଫେସର ଲକ୍ଷ୍ମୀଧର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଆଲୋଚନାରେ ପ୍ରତିଷ୍ଠାନର ଅନ୍ୟାନ୍ୟ ବିଭାଗର
ମୁଖ୍ୟ- ପ୍ରଫେସର ରିତାଞ୍ଜଳି ଦାଶ, ଡକ୍ଟର କଳିଙ୍ଗ କେତକୀ, ଡକ୍ଟର ବେଦ ପ୍ରକାଶ ବର୍ମା ଭାଗ ନେଇଥିଲେ। ଆଇଜଲର ଶିକ୍ଷକ-ପ୍ରଶିକ୍ଷକମାନେ ଜାତୀୟ ଶିକ୍ଷ
ନୀତି-2020, ଜାତୀୟ ପାଠ୍ୟକ୍ରମ ଆଧାର-2023 ଆଦିର ସଫଳ ରୂପାୟନ ପାଇଁ ସେମାନଙ୍କର ଭୂମିକା ବିଷୟରେ ଅବଗତ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ
ପ୍ରତିଷ୍ଠାନର ସହାୟକ ପ୍ରଫେସର ଡକ୍ଟର ଭୀ. ଶଶିକଳା ଓ ଡକ୍ଟର ମନୋଜ କୁମାର ଯାଦବ ସଂଯୋଜନା କରିଥିଲେ।






INSTITUTE LIBRARY
REGIONAL INSTITUTE OF EDUCATION, BHUBANESWAR
**Newspaper Clipping**
**Name of Newspaper: -*The Odiyara Sanman***

**Page- 02** **Date- 19/03/2025**

# ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପରିଦର୍ଶନ କଲେ ମିଜୋରାମର ଶିକ୍ଷକ-ପ୍ରଶିକ୍ଷକ ପ୍ରତିନିଧି ଦଳ






ଭୁବନେଶ୍ୱର ୧୮/୩ (ପିଆଇବି):ମିଜୋରାମର ଆଇଜଲ୍ ସ୍ଥିତ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଶ୍ରୀ ଏଚ୍. ଲୋଲଫକ କୁଆଲାଙ୍କ ନେତୃତ୍ୱରେ ସେଠାକାର ବାରଜଣ ଶିକ୍ଷକ-ପ୍ରଶିକ୍ଷକ ଆଜି ସ୍ଥାନୀୟ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଶୈକ୍ଷିକ ପରିଦର୍ଶନରେ ଆସିଛନ୍ତି । ସେମାନେ ବିଭିନ୍ନ ବିଭାଗ, ପୁସ୍ତକାଳୟ, ଶିକ୍ଷଣ ସମ୍ବଳ କେନ୍ଦ୍ର, ଆଇସିଟି ଷ୍ଟୁଡିଓ, ଔଷଧୀୟ ଉଦ୍ୟାନ ଆଦି ବୁଲି ଦେଖିଥିଲେ। ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଶିକ୍ଷକ-ପ୍ରଶିକ୍ଷକମାନଙ୍କୁ ଏନସିଇଆରଟିର କାର୍ଯ୍ୟାବଳୀ ବିଷୟରେ ଅବଗତ କରାଇଥିଲେ । ସେ ଶୈକ୍ଷିକ ଗବେଷଣା, ପ୍ରଶିକ୍ଷଣ, ଶିକ୍ଷଣ ସାମଗ୍ରୀ ବିକାଶ ଓ ବିସ୍ତାର କାର୍ଯ୍ୟକ୍ରମରେ ଆଞ୍ଚଳିକ ପ୍ରତିଷ୍ଠାନ, ଭୁବନେଶ୍ୱରର ଯୋଗଦାନ ସମ୍ପର୍କରେ ଦର୍ଶାଇଥିଲେ। ପ୍ରାରମ୍ଭରେ ଶିକ୍ଷା ବିଭାଗର ମୁଖ୍ୟ ପ୍ରଫେସର ଲକ୍ଷ୍ମୀଧର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଆଲୋଚନାରେ ପ୍ରତିଷ୍ଠାନର ଅନ୍ୟାନ୍ୟ ବିଭାଗର ମୁଖ୍ୟ- ପ୍ରଫେସର ରିତାଞ୍ଜଳି ଦାଶ, ଡକ୍ଟର କଳିଙ୍ଗ କେତକୀ, ଡକ୍ଟର ବେଦ ପ୍ରକାଶ ବର୍ମା ଭାଗ ନେଇଥିଲେ। ଆଇଜଲର ଶିକ୍ଷକ-ପ୍ରଶିକ୍ଷକମାନେ ଜାତୀୟ ଶିକ୍ଷା ନୀତି-୨୦୨୦, ଜାତୀୟ ପାଠ୍ୟକ୍ରମ ଆଧାର-୨୦୨୩ ଆଦିର ସଫଳ ରୂପାୟନ ପାଇଁ ସେମାନଙ୍କର ଭୂମିକା ବିଷୟରେ ଅବଗତ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରତିଷ୍ଠାନର ସହାୟକ ପ୍ରଫେସର ଡକ୍ଟର ଡୀ. ଶଶିକଳା ଓ ଡକ୍ଟର ମନୋଜ କୁମାର ଯାଦବ ସଂଯୋଜନା କରିଥିଲେ।

INSTITUTE LIBRARY
REGIONAL INSTITUTE OF EDUCATION, BHUBANESWAR

**Newspaper Clipping**

**Name of Newspaper: -*The Odishabhaskar***

**Page- 06** **Date- 19/03/2025**

# ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପରିଦର୍ଶନ କଲେ ମିଜୋରାମର ଶିକ୍ଷକ-ପ୍ରଶିକ୍ଷକ ପ୍ରତିନିଧି ଦଳ




ନୂଆଦିଲ୍ଲୀ: ମିଜୋରାମର ଆଇଜଲ୍ ସ୍ଥିତ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ଏଚ୍. ଲୋଲଫକ ଜୁଆଲାଙ୍କ ନେତୃତ୍ୱରେ ସେଠାକାର ବାରଜଣ ଶିକ୍ଷକ-ପ୍ରଶିକ୍ଷକ ଆଜି ସ୍ଥାନୀୟ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଶୈକ୍ଷିକ ପରିଦର୍ଶନରେ ଆସିଛନ୍ତି । ସେମାନେ ବିଭିନ୍ନ ବିଭାଗ, ପୁସ୍ତକାଳୟ, ଶିକ୍ଷଣ ସମ୍ବଳ କେନ୍ଦ୍ର, ଆଇସିଟି ଷ୍ଟୁଡିଓ, ଔଷଧୀୟ ଉଦ୍ୟାନ ଆଦି ବୁଲି ଦେଖିଥିଲେ। ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅଧକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଶିକ୍ଷକ-ପ୍ରଶିକ୍ଷକମାନଙ୍କୁ ଏନସିଇଆରଟିର କାର୍ଯ୍ୟାବଳୀ ବିଷୟରେ ଅବଗତ କରାଇଥିଲେ । ସେ ଶୈକ୍ଷିକ ଗବେଷଣା, ପ୍ରଶିକ୍ଷଣ, ଶିକ୍ଷଣ ସାମଗ୍ରୀ ବିକାଶ ଓ ବିସ୍ତାର କାର୍ଯ୍ୟକ୍ରମରେ ଆଞ୍ଚଳିକ ପ୍ରତିଷ୍ଠାନ, ଭୁବନେଶ୍ୱରର ଯୋଗଦାନ ସମ୍ପର୍କରେ ଦର୍ଶାଇଥିଲେ। ପ୍ରାରମ୍ଭରେ ଶିକ୍ଷା ବିଭାଗର ମୁଖ୍ୟ ପ୍ରଫେସର ଲକ୍ଷ୍ମୀଧର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଆଲୋଚନାରେ ପ୍ରତିଷ୍ଠାନର ଅନ୍ୟାନ୍ୟ ବିଭାଗର ମୁଖ୍ୟ- ପ୍ରଫେସର ରିତାଞ୍ଜଳି ଦାଶ, ଡକ୍ଟର କଳିଙ୍ଗ କେତକୀ, ଡକ୍ଟର ବେଦ ପ୍ରକାଶ ବର୍ମା ଭାଗ ନେଇଥିଲେ। ଆଇଜଲର ଶିକ୍ଷକ-ପ୍ରଶିକ୍ଷକମାନେ ଜାତୀୟ ଶିକ୍ଷା ନୀତି-୨୦୨୦, ଜାତୀୟ ପାଠ୍ୟକ୍ରମ ଆଧାର-୨୦୨୩ ଆଦିର ସଫଳ ରୂପାୟନ ପାଇଁ ସେମାନଙ୍କର ଭୂମିକା ବିଷୟରେ ଅବଗତ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରତିଷ୍ଠାନର ସହାୟକ ପ୍ରଫେସର ଡକ୍ଟର ଭୀ. ଶଶିକଳା ଓ ଡକ୍ଟର ମନୋଜ କୁମାର ଯାଦବ ସଂଯୋଜନା କରିଥିଲେ।

INSTITUTE LIBRARY
REGIONAL INSTITUTE OF EDUCATION, BHUBANESWAR

**Newspaper Clipping**

**Name of Newspaper: -*The Prameya***

BHUBANESWAR 22 Mar, 2025

# ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ




ଭୁବନେଶ୍ୱର,୨୧।୩(ବ୍ୟୁରୋ): ସବାର ଇଚ୍ଛାଶକ୍ତି ଏବଂ ଅଧ୍ୟବସାୟ ବଳରେ ଜଣେ ଦିବ୍ୟାଙ୍ଗ ବି ସଫଳତାର ଶୀର୍ଷସ୍ଥାନରେ ପହଞ୍ଚିପାରେ। ଜଣେ ଖେଳାଳି କେବଳ ନିଜ ସ୍ୱପ୍ନକୁ ସାକାର କରି ନ ଥାଏ, ବରଂ ସମାଜରେ ଶାନ୍ତି ଓ ଶୃଙ୍ଖଳା ପ୍ରତିଷ୍ଠା କରିବାରେ ଭୂମିକା ନିର୍ବାହ କରିଥାଏ। ଶୁକ୍ରବାର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ୬୦ତମ ବାର୍ଷିକ କ୍ରୀଡ଼ା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ପାରା-ଅଲିମ୍ପିଆନ୍ ପଦ୍ମଶ୍ରୀ ପ୍ରମୋଦ ଭଗତ ଏହା କହିଛନ୍ତି।

ପ୍ରତିଷ୍ଠାନର ଖେଳ ପଡ଼ିଆରେ ଆୟୋଜିତ ଏହି ଉତ୍ସବରେ ଏହାର ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଶାରୀରିକ ଓ ବୌଦ୍ଧିକ ବିକାଶରେ କ୍ରୀଡ଼ାର ଭୂମିକା ଅପରିହାର୍ଯ୍ୟ ବୋଲି କହିଥିଲେ। ପ୍ରଫେସର ରମାକାନ୍ତ ମହାଲିକଙ୍କ ସଂଯୋଜନା, ଛାତ୍ର ପରିଷଦର ଉପଦେଷ୍ଟା ପ୍ରଫେସର ଲକ୍ଷ୍ମୀଧର ବେହେରାଙ୍କର ପରିଚାଳନା ଓ ବୃନ୍ଦାବନ ଭୋଇ, ଡ. ଜେତ୍ସୁଲ କୁମାରଙ୍କ ସହଯୋଗରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରତିଷ୍ଠାନର କୃତୀ ଛାତ୍ରଛାତ୍ରୀଙ୍କୁ ପଦକ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସହ-ଉପଦେଷ୍ଟା ଡ. କଳିଙ୍ଗ କେତକୀ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଡିନ୍ ପ୍ରଫେସର ମାନସୀ ଗୋସ୍ୱାମୀ, ପ୍ରଫେସର ଗୀତାଞ୍ଜଳି ଦାଶ, ଡ. ସୌରଭ କପୁର, ଡ. ବେଦପ୍ରକାଶ ବର୍ମା, ଅଶୋକ କୁମାର ବଳିଆରସିଂହ ଓ ସୁଶାନ୍ତ କୁମାର ରାଉତ, ପ୍ରତିଷ୍ଠାନର ପୁରାତନ ଛାତ୍ର ସଂସଦ ସଭାପତି ହାଡ଼ିବନ୍ଧୁ ପଟ୍ଟନାୟକ ଓ କର୍ମକର୍ତ୍ତାଗଣ ଉପସ୍ଥିତ ଥିଲେ।

INSTITUTE LIBRARY
REGIONAL INSTITUTE OF EDUCATION, BHUBANESWAR
**Newspaper Clipping**
**Name of Newspaper: -The Sanmarg**

**Page- 03** **Date- 25/03/2025**

# आरआईई भुवनेश्वर की 60वीं वार्षिक एथलेटिक मीट संपन्न



भुवनेश्वर, (निप्र) : क्षेत्रीय शिक्षा संस्थान, भुवनेश्वर की 60वीं वार्षिक एथलेटिक मीट आज संपन्न हुई, जिसमें दो दिनों तक चली कड़ी प्रतिस्पर्धा, सौहार्द और उत्कृष्ट प्रदर्शन का समापन हुआ। इस कार्यक्रम में छात्रों ने उत्साहपूर्वक भाग लिया, जिन्होंने विभिन्न ट्रैक और फील्ड स्पर्धाओं में अपने एथलेटिक कौशल का प्रदर्शन किया, जिन्हें संकाय सदस्यों और कर्मचारियों ने प्रोत्साहित किया। दूसरे दिन की शुरुआत सुबह 6:00 बजे हुई, जिसमें रिले रेस, लंबी कूद, ऊंची कूद, शॉट पुट के अंतिम दौर हुए। सबसे प्रतीक्षित स्पर्धाओं में 100 मीटर और 200 मीटर स्प्रिंट फाइनल थे, जहां एथलीटों ने उल्लेखनीय गति और सहनशक्ति का प्रदर्शन किया। समापन समारोह का मुख्य आकर्षण पद्मश्री पुरस्कार विजेता पैरालिंपियन प्रमोद भगत की उपस्थिति थी। उन्होंने विद्यार्थियों से दृढ़ता, लचीलापन और समर्पण विकसित करने का आग्रह किया और इस बात पर जोर दिया कि खेलों में सफलता जीवन की चुनौतियों और जीत को दर्शाती है। प्रधानाचार्य प्रो पीसी अग्रवाल ने बैठक की अध्यक्षता की और मुख्य अतिथि का स्वागत किया। अपने संबोधन में, प्रो अग्रवाल ने विद्यार्थियों को कार्यक्रम के निर्बाध निष्पादन को सुनिश्चित करने के लिए प्रोत्साहित किया। उन्होंने सभी प्रतिभागियों और विजेताओं को बधाई दी। कार्यक्रम का समापन बहुप्रतीक्षित पुरस्कार वितरण समारोह के साथ हुआ, जहां विजेताओं को उनके उत्कृष्ट प्रदर्शन के लिए पदक प्रदान किए गए। पृथ्वी हाउस को मार्च पास्ट चैंपियन घोषित किया गया, जिन्हें औपचारिक परेड के दौरान उनके अनुशासन, तालमेल और प्रभावशाली प्रदर्शन के लिए सम्मानित किया गया। संस्थान के प्रतिष्ठित पूर्व छात्रों द्वारा ट्रॉफी प्रदान की गई।